# ୧୯

# ଜୀବିକା ଚୟନ

(Choosing a Career)

ତୁମ ଭିତରୁ କେହି କେହି କୌଣସି ଫାର୍ମରେ ଚାକିରି କରିବାକୁ ଭାବୁଥିବା ଓ ଆଉ କିଛି ନିଜର କୌଣସି ବ୍ୟବସାୟ କରୁଥିବାକୁ ଚାହୁଁଥିବ । ତୁମେ କ'ଣ କରିପାରିବ ତାହା ନିର୍ଭର କରୁଛ ତୁମେ କେଉଁ ସୀମା ଯାଏ ପ୍ରସ୍ତୁତ ଓ ତୁମେ ଯେଉଁ ରୋଜଗାର କରିବାକୁ ଚାହୁଛ, ତା ପାଇଁ କି ଯୋଜନା କରିଛ । ଏହା ଏ କଥା ଉପରେ ମଧ୍ୟ ନିର୍ଭର କରୁଛିଯେ ତୁମର ଆବଶ୍ୟକତା କଣ ଓ ତୁମେ କେଉଁପ୍ରକାର ଜୀନବ ବ୍ୟତିତ କରିବାକୁ ଚାହୁଁଛ ।

ତୁମେ କ'ଣ ହେବାକୁ ଚାହୁଁଛ ଏ ସମ୍ବନ୍ଧରେ ତୁମ ମସ୍ତିଷ୍କରେ କିଛି ନା କିଛି ବିଚାର ରେଡ଼ିଓ ଶୁଣି ବା ଟି.ଭି. ଦେଖିବା ଆସିଥିବ । ଖବରକାଗଜ ଓ ପତ୍ରପତ୍ରିକାରେ ମଧ୍ୟ ଚାକିରି ପାଇଁ ବିଜ୍ଞାପନ ବାହାରେ ଯାହା ତୁମେ ପଢିଥିବ ଅଥବା ତୁମେ କ'ଣ ହେବା ଉଚିତ୍ ଏଥିନେଇ ତୁମ ପିତାମାତା ଓ ବନ୍ଧୁ ବାନ୍ଧବ ମଧ୍ୟ ପରାମର୍ଶ ଦେଉଥିବ । ଭବିଷ୍ୟତରେ ତୁମେ କେଉ କାର୍ଯ୍ୟ କରିବ, ଏଥିପାଇଁ ନିଜ ଯୋଗ୍ୟତା ଓ ରୁଚିର ସୃଷ୍ଟି ଜ୍ଞାନ ଆବଶ୍ୟକ । ଏ ସବୁ ବ୍ୟତୀତ ଏହା ମଧ୍ୟ ଜାଣିବା ଆବଶ୍ୟକ ହୋଇପଡ଼େ ଯେ ରୋଜଗାରର କେଉଁ ସୁଯୋଗ ମିଳୁଛି । ବିଭିନ୍ନ ରୋଜଗାର ପାଇଁ କି କି ଯୋଗ୍ୟତା ରହିବା ଉଚିତ୍ ।

ଏହି ଅଧ୍ୟାୟରେ ତୁମେ ଜୀବିକା ଚୟନ ବିଭିନ୍ନ ଦିଗର ଅଧ୍ୟୟନ କରିବ । ଏହି ଦିଗ ହେଲା ଅବଧାରଣା, ମହତ୍ତ୍ୱ, ସୁଯୋଗ, ଯୋଗ୍ୟତା ଇତ୍ୟାଦି । ଏହାହିଁ ତୁମର ରୋଜଗାର ସମ୍ବନ୍ଧିତ ଭବିଷ୍ୟତ ଭବିଷ୍ୟତର ନିର୍ଣ୍ଣୟ ନେବାରେ ସହାୟକ ହେବ ।

## ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ପଢିବା ପରେ ତୁମେ ।

- ଜୀବିକା ଅବଧାରଣ ସୃଷ୍ଟି କରିପାରିବ ।
- ଜୀବନ ବୃତ୍ତି ନିର୍ବାଚନର ଗୁରୁତ୍ୱ ବ୍ୟାଖ୍ୟା କରିପାରିବ ।
- ବ୍ୟବସାୟରେ ଜୀବିକାର ବିଭିନ୍ନ ସୁଯୋଗ ଚିହ୍ନି ପାରିବ ।
- ଆତ୍ମନିଯୁକ୍ତି ଗୁରୁତ୍ୱ ବୁଝିପାରିବ ।
- ଚାକିରି ଏବଂ ଆତ୍ମନିଯୁକ୍ତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
- ବିଭିନ୍ନ କ୍ଷେତ୍ରରେ ଜୀବିକା ପାଇଁ ଆବଶ୍ୟକ ତାଲିକା କରିପାରିବ ଓ ନିଜ ଯୋଗ୍ୟତା, ରୁଚି ଓ ପ୍ରବୃତ୍ତିକୁ ଦୃଷ୍ଟିରେ ରଖି ବ୍ୟବସାୟରେ ଜୀବିକା ସୁଯୋଗ ଚିହ୍ନି ପାରିବ ।

## ୧୯.୧ ଜୀବିକା ଅବଧାରଣା

ଜୀବିକାର ଶାବ୍ଦିକ ଅର୍ଥ – ଏପରି ଏକ ବ୍ୟବସାୟୀ ଯାହାକୁ ଆପଣାରେ ଜୀବନରେ ଆଗକୁ ବଢିବା ଓ ଉନ୍ନତିର ସୁଯୋଗ ଲାଭ ଉଠାଇପାରେ । ଏହାର ଅଭିପ୍ରାୟ କେବଳ ମାତ୍ର ରୋଜଗାର/ଜୀବିକା ଚୟନ ନୁହେଁ । ଏହାର ତାତ୍ପର୍ଯ୍ୟ ସେହି ବିଭିନ୍ନ ପଦସହ ଯାହା କ୍ରିୟାଶୀଳ ଜୀବନରେ କୌଣସି ବ୍ୟକ୍ତି ହାସଲ କରିପାରେ । ବ୍ୟାପକ ଅର୍ଥରେ ଜୀବିକା କୌଣସି ବ୍ୟକ୍ତିର ଜୀବନ ଢାଞ୍ଚାରେ ଏକ ଗୁରୁତ୍ୱ ପୂର୍ଣ୍ଣ ପକ୍ଷ ।

ଉଦାହରଣ ସ୍ୱରୂପ ତୁମକୁ କାର୍ଯ୍ୟାଳୟ ସହାୟକ ପଦ ମିଳିଲା । ଆଗକୁ ତୁମେ ପଦନ୍ନତି ପାଇଁ କାର୍ଯ୍ୟ ବ୍ୟବସ୍ଥାପକ ପଦଯାଏ ପହଞ୍ଚିଯାଇ ପାରେ । ଏହାକୁ ତୁମ ଜୀବନ ବୃତ୍ତିର ପକ୍ଷ କହିବା ଓ ଏହା ତୁମର କାର୍ଯ୍ୟ ସମ୍ୱଳିତ ଅଭ୍ୟାସ ଓ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ । କୌଣସି କାର୍ଯ୍ୟ ବା ବ୍ୟବସାୟ ଯାହାକୁ ତୁମେ କାର୍ଯ୍ୟକାଳିକ ଜୀବନର କର ତଥା ଯାହା ପାଇଁ ତୁମେ ନିଜ ଯୋଗ୍ୟତା ଗୁଡ଼ିକୁ ବିକଶିତ କର । ପଦଗୁଡ଼ିକର ଏକ କ୍ରମକୁ ଜୀବିକା କୁହାଯାଏ ।

## ୧୯.୨ ଜୀବିକା ଚୟନର ଗୁରୁତ୍ୱ

ଜୀବିକା ନିର୍ବାଚନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପକ୍ଷ । ତୁମ୍ଭ ଯେଉଁ ବୃତ୍ତି ବାଛ, ତାହା ତୁମ ଭବିଷ୍ୟତର ମୂଳଦୁଆ । ପୂର୍ବରୁ ଲୋକେ ନିଜର ଶିକ୍ଷା ସଂପୂର୍ଣ୍ଣ କରୁଥିଲେ । ତା ପରେ ଯାଇ ଜୀବିକା ନିର୍ଣ୍ଣୟ କରୁଥିଲେ । କିନ୍ତୁ ଆଜିର ପିଢି ନିଜର ବିଦ୍ୟାଳୟ ଶିକ୍ଷା ପୂର୍ଣ୍ଣ କରିବା ପୂର୍ବରୁ ହିଁ ନିଜ ଭବିଷ୍ୟତ ନିର୍ମାଣ ଦିଗରେ ଗୋଡ଼ ବଢାଉଛି । ଜୀବିକା ନିର୍ବାଚନ କୌଣସି ବ୍ୟକ୍ତିର ଜୀବନ ଶୈଳୀକୁ ଅନ୍ୟ କୌଣସି ଘଟଣା ତୁଳନାରେ ସବୁଠାରୁ ଅଧିକ ପ୍ରଭାବିତ କରେ । କାର୍ଯ୍ୟ ଆମ ଜୀବନରେ ଅନେକ ରୂପକ ପ୍ରଭାବିତ କରେ । ଆମର ମୂଲ୍ୟବୋଧ, ଦୃଷ୍ଟିକୋଣ ଓ ଆମ ପ୍ରବୃତ୍ତିକୁ ଖୋଲେ । ଏହି ତିବ୍ର ପ୍ରତିଯୋଗୀତା ଜଗତରେ ଆରମ୍ଭ ହିଁ ଜୀବିକା ସମ୍ୱଳିତ ସଠିକ ନିର୍ବାଚନ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଏପରି ଏକ ପ୍ରକ୍ରିୟା ଆବଶ୍ୟକ, ଯାହା କୌଣସି ବ୍ୟକ୍ତିକୁ ମିଳୁଥିବା ବିଭିନ୍ନ ଜୀବନ ବୃତ୍ତି ସହ ଅବଗତ କରାଇବ । ଏହି ପ୍ରକ୍ରିୟାରେ ବ୍ୟକ୍ତିକୁ ନିଜର ସେହି ଯୋଗ୍ୟତା ଓ କ୍ଷମତା ଜଣାପଡ଼ିଯାଏ, ଯାହା ଜୀବନ ସମ୍ୱନ୍ଧୀତ ନିର୍ଣ୍ଣୟର ଏକ ଗୁରୁତ୍ୱ ପୂର୍ଣ୍ଣ ଅଙ୍ଗ ।

ଜୀବିକା ନିର୍ବାଚନ ମୂଳତଃ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରର ପାଠ ସମାପ୍ତ ହେଲାପରେ ହିଁ ଜଣେ ବାଛିଥାଏ । ଏହି ସ୍ତର ପରେ ଜଣେ ଶିକ୍ଷାର ଡିଗ୍ରି ବାଛିଥାଏ, ଯାହାକି ତାକୁ ଭଲ ଜବ ଅପର୍ଚୁନିଟୀ ପାଇଁ, ଯାହା ତାର ପ୍ରକୃତ ଯୋଗ୍ୟତା ପ୍ରକୃତ ସମୟରେ ହିଁ ଦରକାର ହୋଇଥାଏ । ଜୀବିକା ନିର୍ବାଚନ ଭବିଷ୍ୟକୁ ସୁସଂଗଠିତ କରିବାରେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ, ଜଣେ ଲୋକ ଚାହୁଁଛି ସେ ଜଣେ ବ୍ୟାଙ୍କ ଚାକିରୀଆ ହେବ, ତେଣୁ ତାକୁ ବାଛିବାକୁ ପଡ଼ିବ

ଆଇ.ସି.ଡବ୍ଲ୍ୟୁ.ଏ. କିମ୍ବା ସି.ଏ. କିମ୍ବା ଏମ୍.ବି.ଏ. ଇନ୍ ଫାଇନାନ୍ସ ଯାହାକି ଉଚ୍ଚମାଧ୍ୟମିକ ଏବଂ ବାଣିଜ୍ୟରେ ସ୍ନାତୋକତ୍ତର କିମ୍ବା ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନ. ଅନ୍ୟଥା ତାକୁ ମାଷ୍ଟର ଇନ୍ କମର୍ସ କିମ୍ବା ଏପରିକି ଡକ୍ଟରେଟ୍ ଲେବୁଲ ପର୍ଯ୍ୟନ୍ତ ଯିବାକୁ ପଡ଼ିବ। ଏହା ଏକ ଲାଇଫ୍ ଟାଇମ୍ ପ୍ରୋସେସ୍ ଯାହା ଦ୍ୱାରାକି ଆମେ ସର୍ବଦା ଶିକ୍ଷା ସହିତ ବଢ଼ିଥାଏ ଏବଂ ଆମର ଦରକାରୀ ହେଉଥିବା ଇଚ୍ଛାକୁ ପରିବର୍ତ୍ତନ କରିବାକୁ ହୋଇଥାଏ।

## ପାଠଗତ ପ୍ରଶ୍ନାବଳୀ ୧୯.୧

ନିମ୍ନଲିଖିତ ବାକ୍ୟମଧ୍ୟରୁ କେଉଁଗୁଡ଼ିକ ସତ୍ୟ ଓ କେଉଁଗୁଡ଼ିକ ମିଥ୍ୟା ।

(କ) ନିଜର କାର୍ଯ୍ୟକାଳିକ ଜୀବନରେ ଯେଉଁ କାର୍ଯ୍ୟରେ ଜଣେ ବ୍ୟକ୍ତି ଲାଗିଥାଏ । ତା' ସହ ସଂପୃକ୍ତ ବିଭିନ୍ନ ପଦବୀର ନାମ ରହିବ ।

(ଖ) ଉପଯୁକ୍ତ ଜୀବିକା ଚୟନ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଆବଶ୍ୟକ କ୍ରିୟା ।

(ଗ) ଆଜିର ପୀଢି ସମ୍ମୁଖରେ ଜୀବିକାର ଅତି କମ୍ ବିକଳ୍ପ ରହିଛି ।

(ଘ) ପ୍ରାଥମିକ ସ୍ତରରେ ଜୀବିକା ଚୟନ ଦରକାର ହୋଇନଥାଏ।

(ଙ) ଜୀବନ ଆରମ୍ଭରେ ବିଭିନ୍ନ ଜୀବିକାର ଜ୍ଞାନ ଉପଯୁକ୍ତ ବୃତ୍ତି ଚୟନରେ ସହାୟକ ହୋଇଥାଏ ।

## ୧୯.୩ ବ୍ୟବସାୟରେ ଜୀବିକା ସୁଯୋଗ

ଯେତେବେଳେ ଜଣେ ବ୍ୟକ୍ତି ବ୍ୟବସାୟରେ ଲାଗିଲେ ଆମେ କହୁସେ ରୋଜଗାରକ୍ଷମ । ପ୍ରତି ବ୍ୟକ୍ତିର ବ୍ୟବସାୟ କୌଣସି ନା କୌଣସି ଆର୍ଥିକ କ୍ରିୟା ସହ ସଂପୃକ୍ତ । ପ୍ରତ୍ୟେକ ବ୍ୟକ୍ତି ନିଜ ଭବିଷ୍ୟତ ନିର୍ମାଣ ପାଇ କୌଣସି ନା କୌଣସି ରୋଜଗାରରେ ଲାଗିଲା ଚାହେଁ ଅର୍ଥାତ୍ ନିଜର ଜୀବିକା ପାଇଁ କୌଣସି ନା କୌଣସି ଆର୍ଥିକ କ୍ରିୟାରେ ଲାଗିଯାଏ ।

ଜୀବିକା ଚୟନ ପାଇଁ ନିମ୍ନ ବିକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏକୁ ବାଛିବାକୁ ପଡ଼େ ।

(୧) ଚାକିରି (Wage Employment)

(୨) ଆତ୍ମନିଯୁକ୍ତି (Self-Employment)

ଚାକିରୀ ଅର୍ଥ ମଜୁରୀ ବା ବେତନ ବଦଳରେ ଅନ୍ୟ କାହା ପାଇଁ କାର୍ଯ୍ୟ କରିବା । ଯଦି କାହାକୁ କାର୍ଯ୍ୟାଳୟ ସହାୟକ ପଦରେ ନିଯୁକ୍ତ କରାଯାଏ । ସେ ସେହି କାର୍ଯ୍ୟ କରିବ ଯାହା ତାହାର ବଡ଼ବାବୁ ତାକୁ କରିବାକୁ ଦେବେ ।

ନିଜ କାର୍ଯ୍ୟ ବଦଳରେ ତାକୁ ପ୍ରତି ମାସରେ ବେତନ ମିଳିବ । ଏ ପ୍ରକାରର ରୋଜଗାର ନିଯୁକ୍ତିଦାତା ଓ କର୍ମଚାରୀ ମଧ୍ୟରେ ସର୍ତ୍ତ ବା ଚୁକ୍ତି ଆଧାରିତ । କର୍ମଚାରୀ ନିଜ ମାଲିକ ପାଇଁ କାର୍ଯ୍ୟ କରେ । ସେ ସେହି

କାର୍ଯ୍ୟ କରେ ଯାହା ତାହାର ମାଲିକ ତାକୁ କରିବାକୁ ଦେଇଥାନ୍ତି । ଏହା ବଦଳରେ ପ୍ରାରିଶ୍ରମିକ ମିଳେ । କାର୍ଯ୍ୟକାଳ ଅବଧିରେ ସେ ମାଲିକର ନଜର ଓ ନିୟନ୍ତ୍ରଣରେ କାର୍ଯ୍ୟକରେ । ଅନ୍ୟ ପକ୍ଷରେ ସ୍ୱରୋଜଗାରର ଅର୍ଥ ନିଜର ଜୀବିକା ଚଳାଇବା ପାଇଁ ନିଜେ କୌଣସି ଆର୍ଥିକ କ୍ରିୟା କରିବା ।

ଅନ୍ୟପକ୍ଷରେ ଆତ୍ମନିଯୁକ୍ତି ମାନେ ଜଣେ ଲୋକ ନିଜକୁ ସେ କୌଣସି ଅର୍ଥନୈତିକ କାରବାର ନିୟୋଜିତ କରେ ଏବଂ ବଞ୍ଚିରହିବା ପାଇଁ ପ୍ରଥମେ ଚାକିରିର ବିଭିନ୍ନ ସୁଯୋଗ ସମ୍ପର୍କରେ ସଂକ୍ଷେପରେ ଜାଣିବା ।

## ୧୯.୪ ମଜୁରୀ ଚାକିରୀ


Wage Employment

ଚାକିରୀ ସୁଯୋଗ କେଉଁଠାରେ ଅଛି ଜାଣିବା : ସରକାରୀ କାର୍ଯ୍ୟାଳୟ, ରେଲୱେ, ବିମା କମ୍ପାନୀ, କାରଖାନା, ବ୍ୟବସାୟୀକ ସଂସ୍ଥା ତଥା ଅନ୍ୟ ସଂଗଠନ ଯେପରି ସ୍କୁଲ, କଲେଜ, ହସ୍‌ପିଟାଲ ଇତ୍ୟାଦି । କିରାଣୀ କାର୍ଯ୍ୟ, ବୈଷୟିକ କାର୍ଯ୍ୟ ତଥା 'ନିମ୍ନସ୍ତର'ର ଅନ୍ୟ କାର୍ଯ୍ୟରେ କାମର ପ୍ରକୃତି ସଂଗଠନ କାର୍ଯ୍ୟ ଓ ଉଦ୍ଦେଶ୍ୟ ଉପରେ ନିର୍ଭର କରେ । ସରକାରୀ ବିଭଗାରେ ରେଲୱେ, ବ୍ୟଙ୍କ ବ୍ୟବସାୟୀଙ୍କ କମ୍ପାନୀ, ସ୍କୁଲ ଓ ହସ୍‌ପିଟାଲ ଏଗୁଡ଼ିକ କାର୍ଯ୍ୟାଳୟ ବିଭିନ୍ନ ପ୍ରକାର କିରାନୀ କାର୍ଯ୍ୟ ହୁଏ । ଏହିପରି କଳକାରଖାନାରେ ବୈଷୟିକ କର୍ମଚାରୀଙ୍କ କାର୍ଯ୍ୟ ପରିବହନ କମ୍ପାନୀ କାର୍ଯ୍ୟ ପ୍ରକୃତି ଫରକ ରହେ । ସେଥିପାଇଁ ଏଥିରେ କାର୍ଯ୍ୟରତ ବୈଷୟୀଙ୍କ କର୍ମଚାରୀଙ୍କ କାର୍ଯ୍ୟରେ ମଧ୍ୟ ଉନ୍ନତି ରହେ ।

ଯେଉଁମାନେ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ସେମାନଙ୍କ ପାଇଁ କିରାଣୀ ବା ବିଦ୍ୟାଳୟରେ ପ୍ରୟୋଗ ଶାଳା ସହାୟକ ପଦରେ ନିଯୁକ୍ତିର ସମ୍ଭାବନା ରହିଛି । କାରଣ ଏହିପଦ ପାଇଁ ଏହା ହିଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରହିଛି । ସେଥିପାଇଁ ଏମାନଙ୍କ ପାଇଁ ଆଇ.ଟି.ଆଇ, ପଲିଟେକ୍‌ନିକ୍ ରାଜ୍ୟ ବାଣିଜ୍ୟିକ ସଂସ୍ଥାନରେ ପ୍ରଶିକ୍ଷଣ, ବିଶେଷ ସୁବିଧା ରହିଛି । ଯେଉ ବ୍ୟକ୍ତି କାରିଗରୀ ବିଦ୍ୟା ଅଥବା ସଚିବାଳୟ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୁଏ ତାକୁ କୌଣସି କାର୍ଯ୍ୟଳୟରେ ବୈଷୟୀକ କର୍ମଚାରୀ ଅଥବା କାର୍ଯ୍ୟାଳୟ ସହାୟକ ବା ହିସାବ କିରାଣୀ ପଦରେ ନିଯୁକ୍ତି ମିଳିପାରେ । ଯଦି ସେ କମ୍ପ୍ୟୁଟର ଚଳାଇବାରେ ନିପୁଣ, ତେବେ ତାଙ୍କୁ କମ୍ପ୍ୟୁଟର ଅପରେଟର ରୂପେ ନିଯୁକ୍ତି ମିଳିପାରେ ।

## ୧୯.୫ ଆତ୍ମନିଯୁକ୍ତି (ସ୍ୱରୋଜଗାର) :


Self Employment

ତୁମେ ନିଜ ଜୀବିକା ଚୟନ କିପରି କରିବ । ତୁମେ ଯେତେବେଳେ କୌଣସି ନିଯୁକ୍ତି ଗ୍ରହଣ କରିବ, ତୁମେ ସେହି କାର୍ଯ୍ୟକର ଯାହା ତୁମର ନିଯୁକ୍ତି ଦାତା ତୁମକୁ କରିବାକୁ ଦିଅନ୍ତି ଏବଂ ସେଥିପାଇଁ ତୁମେ ମଜୁରୀ ବା ବେତନ ରୂପେ ଏକ ନିଶ୍ଚିତ ରାଶି ପାଅ । କିନ୍ତୁ ଜଣେ ଅନ୍ୟ ଅଧିନରେ କାମ ନ କରି ନିଜର କାର୍ଯ୍ୟ କରିପାର ଓ ନିଜର ଜୀବିକା ଚଳାଇପାରେ ।

ତୁମେ ଏକ ବହି ଦୋକାନ ଖୋଲିପାର, ଏକ ଔଷଧ ଦୋକାନ ଚଳାଇ ପାର ବା ଦରଜୀ କାମ କରିପାର ଇତ୍ୟାଦି । ଯଦି ଜଣେ ବ୍ୟକ୍ତି କୌଣସି ଆର୍ଥିକ କ୍ରିୟା କରନ୍ତି ତଥା ନିଜେ ଏହାର ପରିଚାଳନା କରନ୍ତି, ତେବେ ଏହାକୁ ଆତ୍ମନିଯୁକ୍ତି କୁହାଯାଏ ।

ପ୍ରତି ଅଞ୍ଚଳରେ ତୁମେ ଛୋଟଛୋଟ ଦୋକାନ, ମରାମତି ଏକକ ଦେଖିଛ । ଏହିସବୁ ପ୍ରତିଷ୍ଠାନର ମାଲିକ ଜଣେ ବ୍ୟକ୍ତି ଓ ସେ ହିଁ ଏହାର ପରିଚାଳନା କରନ୍ତି । ବେଳେବେଳେ ସେ ଜଣେ ବା ଦୁଇଜଣଙ୍କୁ ସହାୟକ ରୂପେ ରଖନ୍ତି ତେଜରାତି ଦୋକାନ, ଷ୍ଟେସନାରୀ ଦୋକାନ, ବହି ଦୋକାନ, ଔଷଧ ଦୋକାନ, ଦରଜୀ ଦୋକାନ, ଚୁଟି କାଟିବା ଦୋକାନ, ଟେଲିଫୋନ ବୁଥ୍, ଇଲେକ୍ଟ୍ରି ଜିନିଷର ମରାମତି ଦୋକାନ, ସାଇକେଲ ଦୋକାନ ଇତ୍ୟାଦି; ଆତ୍ମନିଯୁକ୍ତି ଆଧାରିତ କ୍ରିୟାର ଉଦାହରଣ ଅଟେ । ଏହି ଭଣ୍ଡାର ବା ଦୋକାନର ମାଲିକ ପରିଚାଳନା ଯୁକ୍ତ ବିକ୍ରୟ କରନ୍ତି, ନିଜର ଜୀବିକା ସାଧନ ପାଇଁ, ଯଦି ତାଙ୍କ ଆୟ ବ୍ୟୟଠାରୁ କମ ହୁଏ, ତେବେ କ୍ଷତି ହୁଏ, ଯାହାକୁ ସେହିଁ ବହନ କରନ୍ତି ।

## ପାଠଗତ ପ୍ରଶ୍ନାବଳୀ : ୧୯.୨

ଉପଯୁକ୍ତ ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର ।

(୧) ଲୋକମାନଙ୍କ ବ୍ୟବସାୟ ସର୍ବଦା...................... କ୍ରିୟା ସହିତ ଜଡ଼ିତ ।

(୨) ସରକାରୀ ବିଭାଗରେ ନିମ୍ନ ସ୍ତରରେ ଲୋକଙ୍କୁ ଅଧିକାଂଶତଃ........................ କାର୍ଯ୍ୟରେ ରଖାଯାଏ ।

(୩) ଏକ .............. କିପରି କାର୍ଯ୍ୟ ପାଇଁ ଜଣେ ବ୍ୟକ୍ତି ........................ କାର୍ଯ୍ୟରେ ନିପୁଣ ହେବା ଆବଶ୍ୟକ ।

(୪) ଅଧିକାଂଶ କିରାଣୀ ପଦ ପାଇଁ....................... ପରିଚାଳନା ଯୋଗ୍ୟତା ଆବଶ୍ୟକ ।

(୫) ବାକ୍‌ପଟୁତାର ............. ଟେଲିଫୋନ ଅପରେଟର ପାଇଁ ଜରୁରୀ ।


(୬) ........................ ରୋଜଗାରର ଅର୍ଥ ଅନ୍ୟକୁ ମଜୁରୀ କିମ୍ବା ଦରମାରେ ନିଯୁକ୍ତି ଦେବା।

(୭) ଯଦି ଜଣେ ବ୍ୟକ୍ତି କୌଣସି ଆର୍ଥିକ କ୍ରିୟା କରନ୍ତି ତଥା ନିଜେ ଏହାର ପରିଚାଳନା କରନ୍ତି, ତେବେ ଏହାକୁ............... କୁହାଯାଏ ।

(୮) ଯେଉଁ ବ୍ୟକ୍ତି କାରିଗରୀ ବିଦ୍ୟା ଅଥବା ସଚ୍ଚିବାଳୟ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୁଏ, ତାକୁ କୌଣସି ................. ପଦରେ ନିଯୁକ୍ତ ମିଳିପାରେ ।

## ୧୯.୬ ଆତ୍ମ ନିର୍ଭରଶୀଳ ଏବଂ ଚାକିରୀ ମଧ୍ୟରେ ପାର୍ଥକ୍ୟ

| | ଆଧାର | ଆତ୍ମନିଯୁକ୍ତି | ଚାକିରି |
|---|---|---|---|
| ୧. | ପ୍ରକୃତି | ନିଜେ କାର୍ଯ୍ୟରେ ଲିପ୍ତ ରହନ୍ତି | ନିଯୁକ୍ତି ଦାତାଙ୍କ କାର୍ଯ୍ୟ କରନ୍ତି |
| ୨. | ସ୍ଥିତି | ବ୍ୟକ୍ତି ମାଲିକ ଓ ନିଯୁକ୍ତି ଦାତା | ବ୍ୟକ୍ତି ଜଣେ କର୍ମଚାରୀ |
| ୩. | ଆୟ | ଆୟ ନିଶ୍ଚିତ ନୁହେଁ ଏହା ମାଲିକର ଯୋଗ୍ୟତା ଉପରେ ନିର୍ଭର କରେ । | କର୍ମଚାରୀର ଆୟ ନିଶ୍ଚିତ ଥାଉ ଆଉ ମାଲିକ ଚାହିଁଲେ ଏହା ବୃଦ୍ଧି ହୋଇପାରେ । |







| | | | |
|---|---|---|---|
| ୪. | କାର୍ଯ୍ୟ | କାର୍ଯ୍ୟ କରିବାର ଲକ୍ଷ୍ୟ ସବଦା ଅଧିକ ଆୟ ଅର୍ଜନ କରିବା ଓ ବ୍ୟବସାୟର ମାତ୍ରା ବଢାଇବା କାର୍ଯ୍ୟ ପ୍ରକୃତିକୁ ପୂବରୁ ନିର୍ଦ୍ଧାରିତ କରିହେବ ନାହିଁ ଓ ଏହା ପରିବର୍ତ୍ତନ ଶୀଳ । | କର୍ମଚାରୀ ଯେଉଁ କାର୍ଯ୍ୟ କରନ୍ତି ତାହା ନିଶ୍ଚିତ ଓ ପୂବ ନିର୍ଦ୍ଧାରିତ । |
| ୫. | ବିପଦ | କ୍ଷତି ,ହବା ଓ ଆୟ କମିବାର-ବିପଦ ଆଶଙ୍କା ସର୍ବଦା ଥାଏ | ଯେ ପର୍ଯ୍ୟନ୍ତ କର୍ମଚାରୀ ଚାକିରୀରେ ଅଛନ୍ତି, ତାଙ୍କର ଆୟ କମିବାର ଆଶଙ୍କା ନଥାଏ |
| ୬. | କାର୍ଯ୍ୟର | ମାଲିକ କିପରି ବ୍ୟବସାୟ ଚଳାଇବେ ଏହା ସ୍ୱାଧିନତା ତାଙ୍କ ଉପରେ ନିର୍ଭର କରେ । ଏହା ପ୍ରାୟ ସୁଯୋଗ ଉପରେ ନିର୍ଭର ଶୀଳ । | କମଚାରୀ ଚାକିରି ସର୍ତ୍ତ ଅନୁସାରେ କାର୍ଯ୍ୟ କରନ୍ତି । |

## ୧୯.୭ ଆତ୍ମନିଯୁକ୍ତିର କ୍ଷେତ୍ର

ଆତ୍ମନିଯୁକ୍ତିର ବିଶେଷତ୍ୱ ଅଧ୍ୟୟନ କରିବା ପରେ ତୁମେ ସେହି ସେହି କ୍ଷେତ୍ର ବିଷୟରେ ଜାଣିବାକୁ ଚାହିଁବ । ଯେଉଁଠାରେର ଆତ୍ମନିଯୁକ୍ତିର ସମ୍ଭାବନା ରହିଛି । ତୁମେ ଯେତେବେଳେ ଆତ୍ମନିଯୁକ୍ତିର ଯୋଜନ କରିମ, ତୁମେ ଏଥିପାଇଁ ନିମ୍ନଲିଖିତ ସୁଯୋଗଗୁଡ଼ିକୁ ଦୃଷ୍ଟିରେ ରଖିପାର ।



**(୧) ଛୋଟ ଧରଣର ଖୁଚୁରା ବେପାର :-**

ଜଣେ ଏକାକି ମାଲିକ ଛୋଟ ବ୍ୟବସାୟିକ ସଂସ୍ଥାକୁ ଜଣେ / ଦୁଇଜଣ ସହାୟକଙ୍କ ସହଯୋଗରେ ସହଜରେ ଆରମ୍ଭ କରିପାରେ । ଏହାର ପରିଚାଳନା କରିପାରେ ଓ ଲାଭ କମାଇପାରେ ।

**(୨) ବ୍ୟକ୍ତିଗତ ନିପୁଣତା ଆଧାରରେ ସେବା ପ୍ରଦାନ କରିବା :**



ଯେଉଁମାନେ ନିଜ ବିଶେଷ ନୁପୁଣତା ଆଧାରରେ ଗ୍ରାହକକୁ ସେବା ପ୍ରଦାନ କରନ୍ତି, ସେ ମଧ୍ୟ ଆତ୍ମ ନିଯୁକ୍ତି ସମ୍ପନିତ । ଉଦାହାଣ ସ୍ୱରୂପ, ସାଇକେଲ୍, ସ୍କୁଟର, ଘଣ୍ଟାମରାମତି, ସିଲେଇ, ବାଳକଟା ଓ ସଜ୍ଜା ଆଦି ସେବା ଗ୍ରାହକକୁ ବ୍ୟକ୍ତିଗତ ରୂପେ ପ୍ରଦାନ କରାଯାଏ ।

**(୩) ପେଶାଗତ ଯୋଗ୍ୟତା ଆଧାରିତ ବ୍ୟବସାୟ :**



ଯେଉଁସବୁ କାର୍ଯ୍ୟପାଇ ପେଶା ସମ୍ବନ୍ଧିତ ପ୍ରଶିକ୍ଷଣ ଓ ଅଭିଜ୍ଞତାରୁ ଆବଶ୍ୟକତା ପଡ଼େ ତାହା ମଧ୍ୟ ଆତ୍ମ ନିଯୁକ୍ତି ପର୍ଯ୍ୟନ୍ତ । ଉଦାହରଣ ସ୍ୱରୂପ ନିଜର ପ୍ରାକଟିସ୍ କରୁଥିବା ଡାକ୍ତର, ଓକିଲ, ଚାଟାର୍ଡ, ଆକାଉଣ୍ଟାଣ୍ଟ, ଫାର୍ମାସିଷ୍ଟ, ଆର୍କିଟେକ୍ ଆଦି ମଧ୍ୟ ନିଜର ବିଶେଷ ପ୍ରଶିକ୍ଷଣ ଓ ନିପୁଣତା ଆଧାରରେ ଆତ୍ମନିଯୁକ୍ତି ଶ୍ରେଣୀରେ ଆସନ୍ତି



ଟିପ୍ପଣୀ

ଓ ସେମାନଙ୍କର ଛୋଟ ପ୍ରତିଷ୍ଠାନ ଥାଏ । ଯେପରି କ୍ଲିନିକ୍, ଦପ୍ତର, ଚାମ୍ବର ଆଦି ତଥା ସେମାନେ ଜଣେ ବା ଦୁଇଜଣଙ୍କ ସହାୟତାରେ ନିଜର ଗ୍ରାହକଙ୍କୁ ସେବା ପ୍ରଦାନ କରନ୍ତି ।

**(୪) ଛୋଟ ଧରଣର କୃଷି**

କୃଷିର ଛୋଟଧରଣର କାର୍ଯ୍ୟ ଯେପରି, ଡାଏରୀ, କୁକୁଡ଼ା ଚାଷ, ଉଦ୍ୟାନ, ରେଶମ ଉତ୍ପାଦନ ଆଦିରେ ଆତ୍ମ ନିଯୁକ୍ତି ସମ୍ଭବ ।



**(୫) ଗ୍ରାମୀଣ ଓ କୁଟୀର ଶିଳ୍ପ**

ରେଖା କାଟିବା, ବୁଣିବା, ହାତରେ ବୁଣିବା ସିଲେଇ ମଧ୍ୟ ଆତ୍ମ ନିଯୁକ୍ତି, ଏହା ପରମ୍ପରାକ୍ରମେ ଉତ୍ତରାଧିକାରୀ ସ୍ୱତ୍ତେ ମିଳୁଥିବା ନିପୁଣତା ।



**(୬) କଳା ଏବଂ ଶିଳ୍ପ :**

ଯେଉଁମାନେ କୌଣସି କଳା ବା ଶିଳ୍ପରେ ପ୍ରଶିକ୍ଷଣ ପ୍ରାପ୍ତ, ସେମାନେ ମଧ୍ୟ ଆତ୍ମନିଯୁକ୍ତି । ଏମାନଙ୍କ ବ୍ୟବସାୟ, ବଣିଆ, କମାର, ବଢେଇ ଇତ୍ୟାଦି ।

## ୧୯.୮ ଚାକିରୀ ଅପେକ୍ଷା ଆତ୍ମନିର୍ଭରଶୀଳତାର ଗୁରୁତ୍ୱ

ନିମ୍ନ ଲିଖିତ କାରଣ ଯୋଗୁଁ ଆତ୍ମନିର୍ଭରଶୀଳତା ଚାକିରୀ ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ:

କ. ଆତ୍ମନିର୍ଭରଶୀଳତା ନିଜସ୍ୱ ବୌଦ୍ଧିକ ଶକ୍ତିକୁ ବିନିଯୋଗ କରି ଲାଭ (ରୋଜଗାର) ଉଠାଇବା। ତୁମେ କାର୍ଯ୍ୟ ଦକ୍ଷତା ଏବଂ ସମୟ ଦେବା ଦ୍ୱାରା ତୁମର ଉତ୍ତମ ରୋଜଗାର ଆତ୍ମନିର୍ଭରଶୀଳତାରେ ହିଁ ହୋଇପାରିବ।

ଖ. ଜଣେ ଅତ୍ୟଧିକ ସମ୍ବଳ, ପୁଞ୍ଜି ଏବଂ ଅନ୍ୟାନ୍ୟ ସୁଯୋଗ ବିନା ଆତ୍ମନିର୍ଭରଶୀଳ ହୋଇପାରିବ। ଉଦାହରଣ ସ୍ୱରୂପ ଏକ ପ୍ରତ୍ୟୁତ୍ତର-ସେବା କାର୍ଯ୍ୟ ଦୋକାନ ବହୁତ ସୀମିତ ପୁଞ୍ଜି ମଧ୍ୟରେ ମଧ୍ୟ ହୋଇପାରିବ।

ଗ. ଆତ୍ମନିର୍ଭରଶୀଳତାରେ ଜଣେ ବ୍ୟକ୍ତି ବହୁତ କିଛି ପଢ଼ିବାକୁ ହେବ ତାର କାର୍ଯ୍ୟ ପାଇଁ କାରଣ ସେ ତାର ବ୍ୟବସାୟର କାର୍ଯ୍ୟକଳାପ ପାଇଁ ନିଷ୍ପତ୍ତି ନେଇପାରିବ ତାର ଲାଭ ପାଇଁ।

## ପାଠଗତ ପ୍ରଶ୍ନାବଳୀ ୧୯.୩

ନିମ୍ନଲିଖିତ ବାକ୍ୟରୁ କେଉଁଟି ସତ କେଉଁଟି ମିଛ ।

(୧) ଆତ୍ମନିଯୁକ୍ତି ଅର୍ଥ ନିଜେ କୌଣସି ଆର୍ଥିକ କ୍ରିୟାରେ ସଂଲଗ୍ନ ରହିବା ।

(୨) ଚାକରିରେ ଆୟ କୌଣସି ସୀମା ନାହିଁ ।

(୩) ଯେତେବେଳେ ଜଣେ ବ୍ୟକ୍ତି ମୂଲ୍ୟ ବଦଳରେ ବ୍ୟକ୍ତିଗତ ସେବା ପ୍ରଦାନ କରେ ତା ପାଇଁ ମଧ୍ୟ କିଛି ପୁଞ୍ଜିର ଆବଶ୍ୟକ ଥାଏ ।

(୪) ବ୍ୟବସାୟରେ ଆତ୍ମ ନିଯୁକ୍ତି କ୍ଷେତ୍ରରେ କ୍ଷତିର ବିପଦ ଆଶଙ୍କା ଥାଏ ଯାହାକୁ ମାଲିକ ବହନ କରେ।

(୫) ଜଣେ ବଣିଆ ଆତ୍ମନିଯୁକ୍ତି ନୁହେଁ କାରଣ ସେ ଜଣେ ଅଳଙ୍କାର ବିକ୍ରେତା ଅଧିନରେ କାର୍ଯ୍ୟ କରେ।

## ୧୯.୯ ଆତ୍ମନିଯୁକ୍ତିରେ ସଫଳତା ପାଇଁ ଆବଶ୍ୟକ ଗୁଣ

ବିଭିନ୍ନ କ୍ଷେତ୍ରରେ ଆତ୍ମନିଯୁକ୍ତିର ସୁଯୋଗ ଅଧ୍ୟୟନ କରିବା ପରେ ତୁମେ ବୁଝିପାରିଥିବ ଚାକିରୀ ପରିବର୍ତ୍ତେ ଆତ୍ମନିଯୁକ୍ତି ଜୀବନ ବୃତ୍ତି ପାଇଁ ଅଧିକ ପସନ୍ଦ ଯୋଗ୍ୟ । ମାତ୍ର ଆତ୍ମନିଯୁକ୍ତିର ସେତେବେଳେ ଯାଇ ବ୍ୟବସ୍ଥା ଦରକାର ଯେତେବେଳେ ଏଥିରେ ସଫଳ ହେବାର ଯୋଗ୍ୟତା ତୁମଠାରେ ଥିବ । ଆତ୍ମନିଯୁକ୍ତିରେ ସଫଳତା ପାଇଁ ଆବଶ୍ୟକ ଗୁଣ ବିଷୟରେ ଜାଣିବା ।

**(୧) ବୌଦ୍ଧିକ ଯୋଗ୍ୟତା(Mental abilities):** ତୁମେ ଯଦି ଆତ୍ମନିଯୁକ୍ତିରେ ସଫଳତା ପାଇବାକୁ ଚାହଁ । ତେବେ ତୁମଠାରେ ଆତ୍ମନିଯୁକ୍ତି ସର୍ବାଧିକ ଅନୁକୂଳ ସୁଯୋଗ ଚିହ୍ନିବାର ଯୋଗ୍ୟତା ଥିବା ଆବଶ୍ୟକ । ଏହା ସହିତ ବ୍ୟବସାୟ ପରିଚାଳନା ସମ୍ବନ୍ଧିତ ନିଷ୍ପତ୍ତି ନେବା ତଥା ନାନା ପ୍ରକାରର ଗ୍ରାହକଙ୍କୁ ସନ୍ତୁଷ୍ଟ କରିବାର ଯୋଗ୍ୟତା ରହିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପୁନଶ୍ଚ ସମସ୍ୟାଗୁଡ଼ିକର ପୂର୍ବାନୁମାନ ଏବଂ ବିପଦ ଆଶଙ୍କା ମୁକାବିଲା କରିବା କ୍ଷମତା ଆବଶ୍ୟକ ।

**(୨) ସତର୍କତା ତଥା ଦୂରଦୃଷ୍ଟି (Alertness and Foresight):** ଆତ୍ମନିଯୁକ୍ତିରେ ରତ ବ୍ୟକ୍ତି ବଜାରରେ ଘଟୁଥିବା ପରିବର୍ତ୍ତନ ପ୍ରତି ସଚେତନ ଓ ସତର୍କ ରହିବା ଉଚିତ୍, ଯାହାର ସେ ସେହି ଅନୁଶାରେ ନିଜ ବ୍ୟବସାୟ କାର୍ଯ୍ୟ ସମାଯୋଜନ କରିପାରିବ । ତା ଠାରେ ଦୂର ଦୃଷ୍ଟି ମଧ୍ୟ ରହିବା ଆବଶ୍ୟକ । ଯାଦ୍ୱାରା ସେ ସମ୍ଭାବ୍ୟ ପରିବର୍ତ୍ତନର ଅନୁମାନ କରିପାରିବ, ସୁଯୋଗର ଲାଭ ଉଠାଇ ପାରିବ ତଥା ଭବିଷ୍ୟତରେ ବିପଦ ଆଶଙ୍କାର ମୁକାବିଲା କରିପାରିବ ।

**(୩) ଆତ୍ମବିଶ୍ୱାସ (Self Confidence):** ଆତ୍ମନିଯୁକ୍ତିରେ ମାଲିକକୁ ସମସ୍ତ ନିଷ୍ପତ୍ତି ନେବାକୁ ପଡ଼େ । କାରଣ ତାକୁ ହିଁ ସମସ୍ୟା ସମାଧାନ କରିବାକୁ ହୁଏ । ଯୋଗାଣକାରୀ, ଗ୍ରାହକ ତଥା ସରକାରୀ ଅଧିକାରୀଙ୍କୁ ସାମନା କରିବାକୁ ହୋଇଥାଏ ।

**(୪) ବ୍ୟବସାୟ ଜ୍ଞାନ (Knowledge about business): :** ଯେଉଁ ବ୍ୟକ୍ତି ଆତ୍ମ ନିଯୁକ୍ତି, ତା ଠାରେ ବ୍ୟବସାୟର ସଂପୂର୍ଣ୍ଣ ଜ୍ଞାନ ରହିବା ଆବଶ୍ୟକ । ଏଥିରେ ବ୍ୟବସାୟ ଚଳାଇବାର ବୈଷୟିକ ଜ୍ଞାନ ଓ କୌଶଳ ମଧ୍ୟ ସାମିଲ ।


**(୫) ସମ୍ବନ୍ଧିତ ଆଇନକାନୁନ୍ ଜ୍ଞାନ (Acquaintance with relevant laws):** ଯିଏ ଆତ୍ମନିଯୁକ୍ତିରେ ଲାଗିଛି ସେ ଆଇନ ବିଶେଷଜ୍ଞ ହେବା ଜରୁରୀ ନୁହେଁ । ମାତ୍ର ବ୍ୟବସାୟ ଓ ସେବା ସମ୍ବନ୍ଧିତ ଆଇନ୍ ସମ୍ପର୍କରେ କାମଚଳା ଜ୍ଞାନ ଆବଶ୍ୟକ । ଏଥିରେ ଟ୍ରେଡ୍ ଏଣ୍ଡ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ, ବିକ୍ରିକର ଓ ଉତ୍ପାଦନ କର ସମ୍ବନ୍ଧିତ ଆଇନ୍ ଏବଂ ଜ୍ଞାନ ପ୍ରଦୂଷଣ ନିୟନ୍ତ୍ରଣ ଆଇନ୍ ଆଦି ରହିଛି ।

**(୬) ଅନ୍ୟ ବ୍ୟକ୍ତିଗତ ଗୁଣ (Other Personal Qualities):** ଆତ୍ମନିଯୁକ୍ତି ବ୍ୟକ୍ତିଙ୍କ ଠାରେ ସାଧୁତା, ଗମ୍ଭୀରତା ଓ ପରିଶ୍ରମୀ ପରି ଗୁଣ ରହିବା ଆବଶ୍ୟକ ।

### ପାଠଗତ ପ୍ରଶ୍ନାବଳୀ ୧୯.୪

(କ) ଶୂନ୍ୟସ୍ଥାନ ପୂରଣ କର

(୧) ଆତ୍ମ ନିଯୁକ୍ତିରେ ଜଣେ ବ୍ୟକ୍ତି ପାଖରେ .................. ସୁଯୋଗ ଚିହ୍ନିବାର ଯୋଗ୍ୟତା ଥିବା ଆବଶ୍ୟକ ।



ଟିପ୍ପଣୀ

(୨) ଅତ୍ମ ନିଯୁକ୍ତିରେ .................... ନିଶ୍ଚିତ କରିବା ପାଇଁ ଜଣେ ବ୍ୟକ୍ତି ପାଇଁ ହିସାବ ଜ୍ଞାନର ଆବଶ୍ୟକ ହୁଏ।

(୩) ବ୍ୟବସାୟରେ ଜଣେ ସଫଳ ମାଲିକ ହେବା ପାଇଁ ଜଣେ ବ୍ୟକ୍ତି ପାଖରେ ............. ରହିଥିବା ଆବଶ୍ୟକ ।

(୫) ................ ଏବଂ .................. ଗୁଣ ସହିତ ଉଦ୍ୟୋଗ ସମ୍ପର୍କିତ ଅଟେ।

(୬) ଯେଉଁମାନେ ................ ଚଲୁ ରଖିବା ପାଇଁ ଅସମର୍ଥ ସେମାନଙ୍କୁ ଜୀବିକା ନିର୍ବାହ କରିବା ପାଇଁ ଆତ୍ମ ନିଯୁକ୍ତି ଅନେକ ସୁଯୋଗ ଯୋଗାଇଥାଏ।

(୭) ତୁମର ଜୀବିକା ଚୟନର ଆଧାର ............... ହେବା ଉଚିତ୍ ।

(୮) ତୁମେ ନିଜ କ୍ଷମତା/ଗୁଣବତ୍ତା ଏବଂ............ ବିଷୟରେ ଭାବିବା ଆରମ୍ଭ କରିପାର ।

(୯) ସେହି କାର୍ଯ୍ୟ ବାଛ ନାହିଁ ଯେଉଁଥିରେ ତୁମର ................ ନାହିଁ ।

(୧୦) ସଂକ୍ଷେପରେ ନିପୁଣ ହେବା ଆଜିର ଦୁନିଆରେ ସମସ୍ତ ପଦ ପାଇଁ .................. ।

(ଖ) ବହୁସମ୍ଭାବ୍ୟ ଉତ୍ତର ମୂଳକ

(୧) କର୍ମ ନିଯୁକ୍ତି ଅର୍ଥ:

(କ) କର୍ମ ବା ବେତନ ପାଇଁ ଅନ୍ୟକୁ ସହଯୋଗ କରିବା

(ଖ) ବାଣିଜ୍ୟ ବ୍ୟବସାୟ କରିବା

(ଗ) ନିଜସ୍ୱ କୌଣସି ଅର୍ଥନୈତିକ କ୍ଷେତ୍ରରେ ନିଯୁକ୍ତ ହେବା

(ଘ) ଉପରୋକ୍ତ କୌଣସିଟା ନୁହେଁ

୨. ଆତ୍ମ ନିଯୁକ୍ତି ଅର୍ଥ:

(କ) ମୁନିବ ଓ କର୍ମଚାରୀ ମଧ୍ୟରେ ଏକ ଚୁକ୍ତି

(ଖ) ବେତନ ବା ଶ୍ରମ ପାଇଁ ଅନ୍ୟକୁ ସହଯୋଗ

(ଗ) ନିଜସ୍ୱ କୌଣସି ଅର୍ଥନୈତିକ କ୍ଷେତ୍ରରେ ନିଯୁକ୍ତ ହେବା

(ଘ) କୌଣସିଟା ନୁହେଁ

୩. ନିମ୍ନଲିଖିତ ମଧ୍ୟରୁ କେଉଁଟି ଆତ୍ମନିଯୁକ୍ତି ପାଇଁ ଏକ ଗୁଣ ବା ଦକ୍ଷତା ନୁହଁ

(କ) ପ୍ରଚଳିତ ଶିକ୍ଷା

(ଖ) ସତର୍କତା ଓ ଦୂରଦୃଷ୍ଟି

(ଗ) ବାଣିଜ୍ୟ ବ୍ୟବସାୟ ଜ୍ଞାନ

(ଘ) ପ୍ରାସଙ୍ଗିକ ନିୟମ ସହିତ ପରିଚୟ

୪. ଜୀବିକା ଅର୍ଥ

(କ) ବିଭିନ୍ନ କର୍ମସଂସ୍ଥାନର କର୍ମ ସାଧନ

(ଖ) ଜୀବିକା ପାଇଁ ଉପାୟ ଅବଲମ୍ବନ

(ଗ) ବୃତ୍ତିଗତ ଶିକ୍ଷା ଲାଭ

(ଘ) କର୍ମ ସଂସ୍ଥାନ ପ୍ରାପ୍ତି

୫. ଜୀବିକା ଯୋଜନା ଅର୍ଥ
(କ) ନିଜସ୍ୱ ବ୍ୟବସାୟ ଆରମ୍ଭ
(ଖ) ସକରାତ୍ମକ ଓ ଚୟନାତ୍ମକ ଦୃଷ୍ଟିଭଙ୍ଗୀ ଉପରେ ବିଶ୍ଳେଷଣ
(ଗ) କର୍ମ ସଂସ୍ଥାନରେ ଯୋଗଦାନ
(ଘ) ଜୀବିକା ସହିତ ଖାପ ଖୁଆଇବା

## ଏପର୍ଯ୍ୟନ୍ତ ତୁମେ ଯାହା ଶିଖିଲ

- ଜୀବିକା ଅର୍ଥ ଏକ ବ୍ୟବସାୟ । ଯାହା ଦ୍ୱାରା ଜୀବନରେ ପ୍ରଗତି ଓ ଉନ୍ନତି ସୁଯୋଗଗୁଡ଼ିକର ଲାଭ ଉଠାଇ ପାରିବ । ସଠିକ୍ ଜୀବନ ବୃତ୍ତିର ଚୟନ ଜୀବନର ଏକ ଗୁରୁତ୍ୱ ପୂର୍ଣ୍ଣ ପକ୍ଷ ।
- ଜୀବିକା ଚୟନରେ ଦୁଇ ବିକଳ୍ପ ମଧ୍ୟରୁ କୌଣସି ଗୋଟିଏକୁ ବାଛିବାକୁ ପଡ଼େ । ଏହା ହେଉଛି ଚାକିରୀ ଓ ଆତ୍ମ ନିଯୁକ୍ତି ।
- ଚାକିରୀର ତାତ୍ପର୍ଯ୍ୟ ମଜୁରୀ ବା ବେତନ ବଦଳରେ ଅନ୍ୟକୌଣସି ବ୍ୟକ୍ତି ସେବାରେ କାର୍ଯ୍ୟ କରିବା । ଆତ୍ମ ନିଯୁକ୍ତିର ଅର୍ଥ କୌଣସି ବ୍ୟକ୍ତି ନିଜ ଜୀବିକା ଉପାର୍ଜନ ପାଇଁ ନିଜେ କୌଣସି ଆର୍ଥିକ ଗତି ବିଧିରେ ଲିପ୍ତ ହେବା ।
- ଚାକିରୀ /ବେତନ ବୃତ୍ତିର ମାର୍ଗ ହେଉଛି ନିମ୍ନସ୍ତରରେ କିରାଣୀ ଯଦିଓ ବୈଷୟିକ କାର୍ଯ୍ୟ ।
- ଯେଉଁ କ୍ଷେତ୍ରରେ ଆତ୍ମନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ଅଛି । ସେ ସବୁ ହେଉଛି - ଛୋଟ ସ୍ତରର ଖୁଚୁରା ବେପାର ମୂଲ୍ୟ ବଦଳରେ ସେବା ପ୍ରଦାନ କରିବା । ଛୋଟ ସ୍ତରରେ କୃଷି କାର୍ଯ୍ୟ । ଗ୍ରାମୀଣ ଓ କୁଟୀର ଶିଳ୍ପ କଳା ଓ ଶିଳ୍ପ ଆଦି ।
- ଆତ୍ମନିଯୁକ୍ତିକୁ ଜୀବିକା ରୂପେ ଗ୍ରହଣ କରିବାକୁ ହେଲେ ବ୍ୟକ୍ତିଠାରେ କିଛି ବୌଦ୍ଧିକ ଯୋଗ୍ୟତା, ସଚେତ ରହିବା ଓ ଦୂରଦୃଷ୍ଟି ରହିବା, ଆତ୍ମବିଶ୍ୱାସ, ବ୍ୟବସାୟ ଜ୍ଞାନ, ବୃତ୍ତି ସମ୍ବନ୍ଧିତ ଆଇନ ଜ୍ଞାନ ଓ ହିସାବ ଜ୍ଞାନ ରହିବା ଆବଶ୍ୟକ ।

## ପାଠାନ୍ତ ପ୍ରଶ୍ନାବଳୀ

(୧) ଚାକିରି ଓ ଆତ୍ମନିଯୁକ୍ତିର ଅର୍ଥ କଣ ?
(୨) ଜୀବିକାର ପରିଭାଷା ଲେଖ ।
(୩) ଜୀବିକା ଚୟନର ଗୁରୁତ୍ୱ କଣ ?
(୪) ବ୍ୟବସାୟରେ ଚାକିରୀର କେଉଁ କେଉଁ ସୁଯୋଗ ରହିଛି ସଂକ୍ଷେପରେ ବୁଝାଇ ଲେଖ ।
(୫) ବେକାରୀ ସନ୍ଦର୍ଭରେ ଆତ୍ମନିଯୁକ୍ତିର ଗୁରୁତ୍ୱ ବର୍ଣ୍ଣନା କର ।
(୬) ଆତ୍ମନିଯୁକ୍ତି କିପରି ଭାବରେ ବଡ଼ ସ୍ତରର ଉଦ୍ୟୋଗ ଗୁଡ଼ିକର ବିକଳ୍ପ ?
(୭) ଆତ୍ମନିଯୁକ୍ତିରେ ସଫଳତା ପାଇଁ କୌଣସି ଚାରୋଟି ଯୋଗ୍ୟତାର ବର୍ଣ୍ଣନା କର ।
(୮) କିରାଣୀ କାର୍ଯ୍ୟର ଆବଶ୍ୟକ ନିପୁଣତା ବୁଝାଅ ।
(୯) ହିସାବ କାର୍ଯ୍ୟପାଇଁ କେଉଁ ଢେଁ କୌଶଳର ଆବଶ୍ୟକତା ରହିଛି ।
(୧୦) ଆତ୍ମନିଯୁକ୍ତିର ପ୍ରେରଣା ଦାୟୀତ୍ୱ ତତ୍ୱ ଗୁଡ଼ିକ ଚିହ୍ନାଅ ।

(୧୧) ଆତ୍ମନିଯୁକ୍ତି ଓ ବେତନ ବୃତ୍ତି । ଚାକିରି ମଧ୍ୟରେ ତୁଳନା କର ।

(୧୨) ସେହି ସମ୍ଭାବିତ କ୍ଷେତ୍ରଗୁଡ଼ିକର ଗଣନା କର ଯେଉଁଥିରେ କୌଣସି ବ୍ୟକ୍ତି ଆତ୍ମ ନିଯୁକ୍ତିରେ ଲାଗି ଥାଏ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୯.୧** (କ) ସତ, (ଖ) ସତ, (ଗ) ମିଛ, (ଘ) ମିଛ

**୧୯.୨** (୧) ଆର୍ଥିକ (୨) କିରାଣୀ ସମ୍ବନ୍ଧିତ (୩) କ୍ରୟ, (୪) କାର୍ଯ୍ୟାଳୟ ମେସିନ୍ (୫) ଭାଷା ।

୧୯.୩ (୧) ସତ, (୨) ସତ, (୩) ସତ, (୪) ସତ, (୫) ମିଛ

**୧୯.୪**

କ. (୧) ଆତ୍ମନିର୍ଭରଶୀଳର କର୍ମନିଯୋଗ

(୨) ଆତ୍ମ ବିଶ୍ୱାସ (୩) ଜ୍ଞାନ

(୪) ଲାଭ କିମ୍ବା କ୍ଷତି (୫) କର୍ମକୁଶଳ, ଶୃଜନଶୀଳ

(୬) ଉଚ୍ଚ ଶିକ୍ଷା (୭) ଯୋଗ୍ୟତା ଓ ରୁଚି

(୮) ଦୁର୍ବଳତା (୯) ରୁଚି

(୧୦) ଆବଶ୍ୟକ ।

ଖ. (୧) କ (୨) ଗ (୩) କ (୪) ଗ (୫) ଖ

## ତୁମ ପାଇଁ କାମ

- କୌଣସି ଏକ ସପ୍ତାପର ନିଯୁକ୍ତି ଖବର ନିଅ ବା ଅନ୍ୟକୌଣସି ଖବର କାଗଜ ନିଅ । ସେଥିରୁ ନିଜ ରୁଚି, ଯୋଗ୍ୟତା ଏବଂ ଅଭିରୁଚି ଅନୁରୂପ ଖାଲିଥିବା ପଦଗୁଡ଼ିକର ତାଲିକା ପ୍ରସ୍ତୁର କର ।

# ୨୦

# ଉଦ୍ୟମଶୀଳତା

**(Entrepreneurship)**

ଜୀବିତ ରହିବା ପାଇଁ ଅର୍ଥ ରୋଜଗାର କରିବା ଜରୁରୀ ଏକଥା ତୁମକୁ ଜଣାଅଛି । ତୁମର ମାତା, ପିତା, ଭାଇ ତଥା ଅନ୍ୟ ସମସ୍ତେ  କୌଣସି ନା କୌଣସି କାର୍ଯ୍ୟରେ ଲାଗିଛନ୍ତି । ଯାହାଦ୍ୱାରା ପରିବାରର ଜୀବିକା ଚଳାଉଛନ୍ତି । ତୁମେ କିପରି ନିଜର ଜୀବନ ଯାପନ କରିବାକୁ ଚାହୁଁଛ  ? ତୁମେ କୌଣସି ଚାକିରୀ କରିବାକୁ ଚାହିଁଛକି, ନା ନିଜର କୌଣସି ବ୍ୟବସାୟ କରିବାକୁ ଚାହୁଁଛ  ? ଜଣେ ଶିକ୍ଷକ ସ୍କୁଲରେ ପଢାନ୍ତି, ଜଣେ ଶ୍ରମିକ କାରଖାନାରେ କାମ କରେ, ଜଣେ ଡ଼ାକ୍ତର ହସ୍‌ପିଟାଲ୍‌ରେ ରୋଗୀ ସେବା କରନ୍ତି, ଜଣେ କିରାଣୀ ବ୍ୟାଙ୍କରେ ଚାକିରୀ କରେ । ଜଣେ ମ୍ୟାନେଜର କୌଣସି ବ୍ୟବସାୟିକ ସଂସ୍ଥାରେ କାର୍ଯ୍ୟ କରନ୍ତି; ଏମାନେ ସମସ୍ତେ ଜୀବିକା ଉପାର୍ଜନ ପାଇଁ କାର୍ଯ୍ୟ କରନ୍ତି । ଏହା ସେହି ଲୋକଙ୍କ ଉଦାହରଣ ଯେଉଁମାନେ କର୍ମଚାରୀ ଓ ବେତନ ବା ମଜୁରୀରୁ ଆୟ ପ୍ରାପ୍ତ କରନ୍ତି । ଏହାକୁ ମଜୁରୀ ବା ରୋଜଗାର କହନ୍ତି, ଅନ୍ୟ ପକ୍ଷରେ ଜଣେ ଦୋକାନି, ଜଣେ କାରଖାନା ମାଲିକ, ଜଣେ ବ୍ୟବସାୟୀ, ନିଜର ଡାକ୍ତରଖାନାରେ ଥିବା ଜଣେ ଡାକ୍ତର ଇତ୍ୟାଦି ନିଜ ବ୍ୟାବସାୟରୁ ଜୀବିକା ଉପାର୍ଜନ କରନ୍ତି । ଏସବୁ ଉଦାହରଣ ଆତ୍ମନିଯୁକ୍ତି ମାନଙ୍କର । ତଥାପି ଏପରି ଆତ୍ମ ନିଯୁକ୍ତି ବ୍ୟକ୍ତି ଅଛନ୍ତି । ଯେଉଁମାନେ ନିଜ କାର୍ଯ୍ୟ ପାଇଁ କାର୍ଯ୍ୟ ସୃଜନ କରିବା ସହ ଅନ୍ୟ ବହୁତ ଲୋକଙ୍କ ପାଇଁ କାର୍ଯ୍ୟର ବ୍ୟବସ୍ଥା କରନ୍ତି । ଏପରି ବ୍ୟକ୍ତିର ଉଦାହରଣ ଟାଟା, ବିରଳା ଆଦି ଯେଉଁମାନେ ପ୍ରବର୍ତ୍ତନ ବ୍ୟବସ୍ଥା କରୁଥିବା ତଥା ଉତ୍ପାଦନକାରୀ ଉଭୟ ଏପରି ବ୍ୟକ୍ତିଙ୍କୁ ଉଦ୍ୟମୀ କୁହାଯାଇପାରେ ।

ଏହି ଅଧ୍ୟାୟରେ ତୁମେ ଉଦ୍ୟମୀଙ୍କ ଅବଧାରଣ, ଗୁରୁତ୍ୱ କାର୍ଯ୍ୟ ବିଷୟରେ ବିସ୍ତୃତ ଜ୍ଞାନ ହାସଲ କରିବ । ତୁମେ ଉଦ୍ୟମିକ ଗୁଣ ତଥା ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରିବାର ସେମାନଙ୍କ ଯୋଗ୍ୟତା ବିଷୟରେ ମଧ୍ୟ ଜାଣିବା । ଏସବୁ କଥା ତୁମର ଆଗାମୀ ଜୀବନ ପାଇଁ ଉପଯୋଗୀ ହେବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ପଢିବା ପରେ ତୁମେ ।

- ଉଦ୍ୟମମିଳତା ଅବଧାରଣା ବର୍ଣ୍ଣନା କରିପାରିବ ।
- ଜଣେ ଉଦ୍ୟମୀ ହେବାର ଗୁରୁତ୍ୱକୁ ଚିହ୍ନିପାରିବ ।
- ଏକ ସଫଳ ଉଦ୍ୟମୀର ବିଶିଷ୍ଟ ଗୁଣାବଳିର ବର୍ଣ୍ଣନା କରିପାରିବ ।
- ଜଣେ ଉଦ୍ୟମୀଙ୍କ କେଉଁ କେଉଁ କାର୍ଯ୍ୟ ତାହା ଚିହ୍ନଟ କରିବ ।
- ଏକ ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରିବାର ବିଭିନ୍ନ ପର୍ଯ୍ୟାୟର ବର୍ଣ୍ଣନା କରିପାରିବ ।

## ୨୦୧ ଉଦ୍ୟମଶୀଳତାର ଅର୍ଥ :

ଜଣେ ଉଦ୍ୟମୀ ମୌଳିକ (ସୃଜନାତ୍ମକ) ଚିନ୍ତକ ହୋଇଥାଏ । ସେ ଜଣେ ଆବିଷ୍କାର, ଯିଏ ପୁଞ୍ଜି ଖଟାଏ ଓ ରିସ୍କ ନେବାକୁ ଆଗେଇ ଆସେ । ଏହି ପ୍ରକ୍ରିୟାରେ ସେ କର୍ମନିଯୁକ୍ତି ସୃଷ୍ଟି କରେ, ସମସ୍ୟାଗୁଡିକର ସମାଧାନ କରେ, ମୂଲ୍ୟ ବୃଦ୍ଧି କରେ ଓ ଶ୍ରେଷ୍ଠତା ପ୍ରତି ଦୃଷ୍ଟି ରଖେ ।



ତେଣୁ ଆମେ କହିପାରିବା ଉଦ୍ୟମୀ ସିଏ ଯାଠାରେ ନିରନ୍ତର ବିଶ୍ୱାସ ତଥା ଶ୍ରେଷ୍ଠତା ବିଷୟରେ ଭାବିବାର ଶକ୍ତି ଓ ଗୁଣ ଥାଏ ତଥା ସେ ସବୁକୁ ପ୍ରୟୋଗ କରେ । କୌଣସି ବିଚାର, ଉଦ୍ଦେଶ୍ୟ, ଉତ୍ପାଦ ବା ସେବାକୁ ଆବିଷ୍କାର କରି ଏହାକୁ ସାମାଜିକ ଲାଭ ପାଇଁ ପ୍ରଗେ କଲେ ଯାଇ ଏପରି ହୁଏ । ଜଣେ ଉଦ୍ୟମୀ ହେବା ପାଇଁ ତୁମ ପାଖରେ କିଛି ଗୁଣ ରହିବା ଆବଶ୍ୟକ । କିନ୍ତୁ ଉଦ୍ୟମ ଶବ୍ଦର ଅର୍ଥ ମଧ୍ୟ କ୍ୟାରିୟର ତିଆରି କରୁଥିବା ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ ଯାହାକୁ ଶିକ୍ଷା କରାଯାଇପାରେ ।

ଏହା ମଧ୍ୟ ମନେରଖିବା ଉଚିତ ଯେ ଦେଶର ଆର୍ଥିକ ବିକାଶ ଦିଗରେ ଉଦ୍ୟମଶୀଳତା କେବଳ ବଡ ବ୍ୟବସାୟ ଯାଏ ସୀମିତ ନୁହେଁ । ଏଥିରେ ଲଘୁ ଉଦ୍ୟମ ଗୁଡ଼ିକୁ ସାମିଲ କରିବା ମଧ୍ୟ ସମାନ ରୂପେ ଗୁରୁତ୍ୱପୂର୍ଣ୍ଣ । ବାସ୍ତବରେ ଅନେକ ବିକଶିତ ଓ ବିକାଶଶୀଳ ଦେଶର ଆର୍ଥିକ ବିକାଶ ସମୃଦ୍ଧି ଓ ସଂପନ୍ନତା ଲଘୁ ଉଦ୍ୟମଗୁଡ଼ିକର ଆର୍ବିଭାବର ପରିମାଣ ।

## ୨୦.୨ ଉଦ୍ୟମୀ ହେବାର ଗୁରୁତ୍ୱ

ଜଣେ ଉଦ୍ୟୋଗପତି ହେବାର ମହତ୍ୱ-
ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଜଣେ ଉଦ୍ୟୋଗପତିର ଭୂମିକା ଓ ଉଦ୍ଯୋଗ ପୂର୍ଣ୍ଣ ସଂସ୍କୃତିକୁ ସବୁବେଳେ ଗୌଣ ଦୃଷ୍ଟିରେ ଦେଖାଯାଇଥାଏ। କିନ୍ତୁ ଅତୀତ ବର୍ଷମାନଙ୍କରେ ଦେଖାଯାଇଛି ଯେ ଉଦ୍ୟୋଗ କ୍ଷେତ୍ରଗୁଡ଼ିକ କ୍ରମ ବର୍ଦ୍ଧିଷ୍ଣୁ ଭାବରେ ଅର୍ଥନୈତିକ ପ୍ରଗତିରେ ସହାୟକ ହୋଇଥାନ୍ତି। ଜ୍ଞାନ କୌଶଳକୁ ଅର୍ଥନୈତିକ ସୁଯୋଗରେ ପରିଣତ କରବା ଉଦ୍ୟୋଗର ମୂଳମନ୍ତ୍ର। ଇତିହାସରେ ଦେଖାଯାଇଛି ଯେ ବସ୍ତୁବାଦୀ ଓ ନୁଆନୂଆ କୌଶଳ ଜାଣିଥିବା ଉଦ୍ୟୋକ୍ତାମାନେ ଅର୍ଥନୈତିକ ବିକାଶକ ଆଗେଇ ନେଇଛନ୍ତି। ଏହିପରି ବ୍ୟକ୍ତିମନାନେ ସୁଯୋଗର କ୍ଷତିର ଉପଯୋଗ କରିଥାନ୍ତି ଏବଂ ଆଶଙ୍କା ନେବାକୁ ପ୍ରସ୍ତୁତ ଥାଆନ୍ତି। ଉଦ୍ୟୋଗପତି ମାନେ ପ୍ରତିଷ୍ଠିତ ଜ୍ଞାନକୌଶଳର ପ୍ରତିବନ୍ଧକ ଗୁଡ଼ିକର ସମାଧାନ ସୃଷ୍ଟି କରନ୍ତି ଏବଂ ସ୍ଥଇତାବସ୍ଥା ବିଷୟରେ ନିଷ୍ପତି ନେବାପାଇଁ ଆହ୍ୱାନ ଦେଇଥାନ୍ତି। ଯେତେବେଳେ ଅନ୍ୟମାନେ ସୁଯୋଗ କୁ ଦେଖିପାରନ୍ତି ନାହିଁ କିମ୍ବା ସୁଯୋଗକୁ ଦେଖି ଜାଣି ପାରନ୍ତି ନାହିଁ କିମ୍ବା ସୁଯୋଗକୁ ଏକ ପ୍ରକାର ବାଧା ଓ ବିପଦ ବୋଲି ଚିନ୍ତା କରନ୍ତି, ସେତେବେଳେ ଉଦ୍ୟୋଗପତିମାନେ କ୍ଷତିର ଆଶଙ୍କା ନେଇ ସୁଯୋଗର ଅନୁଧାବନ କରିଥାନ୍ତି। ଉଦ୍ୟୋଗର ସଂଜ୍ଞା ଯାହା ହେଉନା କାହିଁକି ଏହା ପରିବର୍ତ୍ତନ, ଗଠନମୂଳକ ଚିନ୍ତା, ଜ୍ଞାନ କୌଶଳ, ନୂତନତ୍ୱ ପରି ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକ ସହିତ ସଂଶ୍ଳିଷ୍ଟ ଯାହାକି ବର୍ତ୍ତମାନର

ଜଗତିକରଣ ଅର୍ଥନୀତିରେ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ କ୍ଷେତ୍ର ସୃଷ୍ଟିକରେ। ଏହିପରି ଭାବରେ ଉଦ୍ୟୋଗବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ବଢ଼ାଇଥାଏ। ଉଦ୍ୟୋଗର ଗୁରୁତ୍ୱକୁ ନିମ୍ନଲିଖିତ ଭାବରେ ବର୍ଣ୍ଣନା କରାଯାଇପାରେ।

**୧. ଲୋକମାନଙ୍କୁ ନିଯୁକ୍ତି ଯୋଗାଇଥାଏ:** ଲୋକମାନେ ଅନେକ ସମୟରେ ଭାବନ୍ତି ଯେ, ଯେଉଁମାନଙ୍କୁ ଅନ୍ୟକୌଣସି ନିଯୁକ୍ତି ମିଳିନଥାଏ। ସେମାନେ ଉଦ୍ୟୋଗ ପ୍ରତି ଆଗ୍ରହୀ ହୁଅନ୍ତି। କିନ୍ତୁ ବାସ୍ତବରେ ବର୍ତ୍ତମାନ ସମୟରେ ସେହିମାନେ ବିଭିନ୍ନ ବ୍ୟବସୟ ଆରମ୍ଭ କରୁଛନ୍ତି। ଯେଉଁମାନଙ୍କ ପାଇଁ ଅନ୍ୟାନ୍ୟନିଯୁକ୍ତିର ସୁଯୋଗ ରହିଛି।

**୨. ଗବେଷଣା ଓ ବିକାଶରେ ସହାୟକ ହୁଏ:** ପ୍ରାୟ ଦୁଇ ତୃତୀୟାଂଶ ନୂତନ ପ୍ରକାର ବ୍ୟବସାୟ ଉଦ୍ୟୋଗ ପତିମାନଙ୍କ ପାଇଁ ସମ୍ଭବ ହୋଇଥାଏ।

ଆବିଷ୍କାର ବହୁଳତାବିନା ପୃଥିବୀରେ ଜୀବନ ନିରଶ ହୋଇଯିବ। ଆବିଷ୍କାର ଦ୍ୱାରା ବିଭିନ୍ନ ପ୍ରକାରର ନିର୍ଦ୍ଦିଷ୍ଟ କାରୀଗରି କୌଶଳ ଦ୍ୱାରା ଜୀବନ ସହଜ ଓ ସୁଖମୟ ହୋଇଥାଏ।

**୩. ଦେଶ ଏବଂ ବ୍ୟକ୍ତିପାଇଁ ସମ୍ପଦ ସୃଷ୍ଟିକରେ:**

ଯେଉଁ ସବୁ ବ୍ୟକ୍ତିମାନେ ବ୍ୟବସାୟୀକ ସୁଯୋଗର ଅନ୍ୱେଷଣ କରି ଉଦ୍ୟୋଗ ରେ ଯୋଗ ଦିଅନ୍ତି ସେମାନେ ଦେଶର ସମ୍ପଦ ସୃଷ୍ଟିରେ ସହାୟକ ହୋଇଥାନ୍ତି, ସେମାନଙ୍କର ଦ୍ୱାରା ସୃଷ୍ଟି ହେଉଥିବା ସମ୍ପଦ ଦେଶରେ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଉଦ୍ୟୋଗପତିମାନେ ଉତ୍ପାଦିତ ଦ୍ରବ୍ୟ ଓ ସେବା ମାଧ୍ୟମରେ ଦେଶର ଅର୍ଥନୀତିକୁ ସମୃଦ୍ଧ କରନ୍ତି। ସେମାନଙ୍କର ଜ୍ଞାନ କୌଶଳ, ଚିନ୍ତାଧାରା ଓ ଆବିଷ୍କାର ଦେଶ ପାଇଁ ବିଶେଷ ସହାୟକ ହୁଏ।

## ପାଠଗତ ପ୍ରଶ୍ନାବଳୀ ୨୦.୧

ନିମ୍ନଲିଖିତ ଉକ୍ତିରୁ କେଉଁଟି ଠିକ୍ କେଉଁଟି ଭୁଲ୍ ।

(୧) ଉଦ୍ୟମୀ ବିଚାର ଗୁଡ଼ିକ କାର୍ଯ୍ୟ ରୂପରେ ରୂପାନ୍ତରଣ କରିବାର ରିସ୍କ ନିଅନ୍ତି ।

(୨) ଉଦ୍ୟମୀ ହେଉଛନ୍ତି ଜୁଆଡ଼ି ।

(୩) ଜଣେ ଉଦ୍ୟମୀ ଉତ୍କର୍ଷତା ପାଇଁ ସର୍ବଦା ଚେଷ୍ଟାରତ ।

(୪) ଉଦ୍ୟମୀ ଜନ୍ମଦାତା, ସେମାନଙ୍କୁ ତିଆରି କରାଯାଏ ନାହିଁ ।

(୫) ଜଣେ ଉଦ୍ୟମୀ ଅନ୍ୟମାନଙ୍କ ପାଇଁ ମଧ୍ୟ ନିୟୋଜନ ସୃଷ୍ଟି କରନ୍ତି ।

(୬) ଉଦ୍ୟମୀ ଜଣେ ସ୍ୱାଧୀନ ବ୍ୟକ୍ତି ।

## ୨୦.୩ ଏକ ସଫଳ ଉଦ୍ୟମୀର ଗୁଣ

ଏବେ ଆମେ ସଫଳ ଉଦ୍ୟମୀର ଗୁଣ ଉପରେ ବିଚାର କରିବା । ଏକ ଉଦ୍ୟେଗ ସଫଳତା ପୂର୍ବକ ଚଳାଇବା ପାଇଁ ଅନେକ ଗୁଣର ଆବଶ୍ୟକତା ପଡ଼ିପାରେ । ତଥାପି ସେଥିମଧ୍ୟରୁ ନିମ୍ନଲିଖିତ ଗୁଣ ଗୁଡ଼ିକ ଗୁରୁତ୍ୱ ପୂର୍ଣ୍ଣ ।

**(୧) ଆଗୁଆ :- (Initiative)** ବ୍ୟବସାୟ ଜଗତରେ ସୁଯୋଗ ଆସେ ଯାହା ଜଣେ ଉଦ୍ୟମୀ କାମ କରିବା ବ୍ୟକ୍ତି ହେବା ଉଚିତ୍ । ସେ ଆଗକୁ ବଢି କାମ ଆରମ୍ଭ କରି ସୁଯୋଗର ସଦ୍‌ବ୍ୟବସହାର କରିବା

ଉଚିତ୍ । ଥରେ ସୁଯୋଗ ହରାଇଲେ ତାହା ଆଉଥରେ ଆସେ ନାହିଁ । ତେଣୁ ଉଦ୍ୟମୀ ଆଗୁଆ ଉଦ୍ୟମ କରିବା ଉଚିତ୍ ।

**(୨) ରିସ୍କ ନେବାର ଇଚ୍ଛାଶକ୍ତି :- (Willingness to assume risk)** ପ୍ରତ୍ୟେକ ବ୍ୟବସାୟରେ ରିସ୍କ ତତ୍ତ୍ୱ ରହିଛି । ଏହାର ଅର୍ଥ ହେଲା ବ୍ୟବସାୟୀ ସଫଳ ହୋଇପାରନ୍ତି, ବିଫଳ ମଧ୍ୟ ହୋଇପାରନ୍ତି । ପ୍ରତ୍ୟେକ ବ୍ୟବସାୟରେ ଯେ ଲାଭ ହେବ ଏହା କହିହେବ ନାହିଁ । ଏହି ତତ୍ତ୍ୱ ବ୍ୟକ୍ତିଙ୍କୁ ବ୍ୟବସାୟ କରିବାକୁ ରୋକେ । ତଥାପି ଜଣେ ଉଦ୍ୟମୀ ସର୍ବଦା ରିସ୍କ ନେବାକୁ ଆଗେଇ ଆସିବା ଉଚିତ୍ ଓ ବ୍ୟବସାୟ ଚଳାଇ ସେଥିରେ ସଫଳତା ଲାଭ କରିବା ଉଚିତ୍ ।

**(୩) ଅଭିଜ୍ଞତାରୁ ଶିଖିବା ଯୋଗ୍ୟତା :- (Ability to the karn from experince)**ଜଣେ ଉଦ୍ୟମୀ ଭୁଲ୍ କରିପାରନ୍ତି, ମାତ୍ର ଥରେ ଭୁଲ୍ ହୋଇଯିବା ପରେ ଏହାର ପୁନରାବୃତ୍ତି ଯେପରି ନହୁଏ । କାରଣ ଏପରି ହେଲେ ବିପୁଳ କ୍ଷତି ସହିବାକୁ ପଡ଼ିପାରେ । ତେଣୁ ନିଜର ଭୁଲ୍‌ରୁ ଶିଖିବା ଦରକାର । ଜଣେ ଉଦ୍ୟମୀ ଠାରେ ଅଭିଜ୍ଞତାରୁ ଶିଖିବାର ଯୋଗ୍ୟତା ରହିବା ଉଚିତ୍ ।

**(୪) ସ୍ୱପ୍ରେରଣ :- (Motivation)**ସ୍ୱପ୍ରେରଣା ସଫଳତା ଚାବିକାଠି । ଜୀବନରେ ପ୍ରତି ପଦକ୍ଷେପରେ ଏହାର ଆବଶ୍ୟକତା ପଡ଼େ । ଥରେ ଯେତେବେଳେ ତୁମେ କୌଣସି କାର୍ଯ୍ୟ କରିବା ପାଇଁ ପ୍ରେରିତ ହୁଅ ତାକୁ ଶେଷ କରିବା ଯାଏ ଦମ୍ ନିଅ । ଉଦାହରଣ ସ୍ୱରୂପ ବେଳେ ତୁମେ କୌଣସି ଗପ ବା ଉପନ୍ୟାସ ପଢ଼ିବାରେ ଏତେ ମଜ୍ଜିଯାଅ ଯେ ତାକୁ ନସାରୀ ଶୋଇପାର ନାହିଁ । ଏପ୍ରକାର ରୁଚି ସ୍ୱପ୍ରେରଣାରୁ ଉତ୍ପନ୍ନ ହୁଏ । ଜଣେ ସଫଳ ଉଦ୍ୟମୀ ପାଇଁ ଏହା ଏକ ଆବଶ୍ୟକୀୟ ଗୁଣ ।

**(୫) ଆତ୍ମବିଶ୍ୱାସ :- (Self Confidence)** ଜୀବନରେ ସଫଳତା ପାଇବା ପାଇଁ ନିଜର ଆତ୍ମବିଶ୍ୱାସ ଜଣାଇବା ଉଚିତ୍ । ଯାହା ପାଖରେ ଆତ୍ମବିଶ୍ୱାସର ଅଭାବ ଥାଏ ସେ ନିଜେ କୌଣସି କାମ କରିପାରିବ ନାହିଁ । କି ଅନ୍ୟ କାହାକୁ କାମ କରିବାକୁ ପ୍ରେରଣା ଦେଇ ପାରିବ ନାହିଁ ।

**(୬) ନିଷ୍ପତ୍ତି ନେବାର ଯୋଗ୍ୟତା :- (Decision making ability)**ବ୍ୟବସାୟୀ ଚଳାଇବାର ଉଦ୍ୟମୀଙ୍କୁ ଅନେକ ଗୁଡ଼ିଏ ନିଷ୍ପତ୍ତି ନେବାକୁ ପଡ଼େ । ତେଣୁ ତାଙ୍କର ଉପଯୁକ୍ତ ସମୟରେ ଉପଯୁକ୍ତ ନିଷ୍ପତ୍ତି ଯୋଗ୍ୟତା ରହିବା ଆବଶ୍ୟକ । ଆଜିର ଦୁନିଆ ଦ୍ରୁତ ଗତିରେ ଆଗେଇ ଚାଲିଛି । ଯଦି ଜଣେ ଉଦ୍ୟମୀଙ୍କର ସମାୟାନୁସାରେ ନିଷ୍ପତ୍ତି ନେବାର ଯୋଗ୍ୟତା ନଥିବ । ସେ ଆସିଥିବା ସୁଯୋଗ ହରାଇବେ ଓ ହୁଏତ କ୍ଷତି ସହିବାକୁ ପଡ଼ିପାରେ ।

## ପାଠଗତ ପ୍ରଶ୍ନାବଳୀ ୨୦.୨

ନିମ୍ନ ଲିଖିତ କଥାରୁ କେଉଁଟି ଠିକ୍ କେଉଁଟି ଭୁଲ।

୧. ଜଣେ ଉଦ୍ୟମୀ ବାରମ୍ବାର ନିଜ ଭୁଲରୁ ଶିଖିବା।
୨. ଯେଉଁ ବ୍ୟକ୍ତିର ନିଷ୍ପତ୍ତି ନେବାର ଶକ୍ତି ନାହିଁ ସେ ଉଦ୍ୟମୀ ହୋଇପାରିବ ନାହିଁ।
୩. ସମସ୍ତ ଉଦ୍ୟମୀଙ୍କ ପାଇଁ ଆତ୍ମବିଶ୍ୱାସର ଅଭାବ ସଫଳତାର ଚାବିକାଠି।
୪. ଜଣେ ଉଦ୍ୟମୀଙ୍କର ସମୟାନୁସାରେ ନିଷ୍ପତ୍ତି ନେବାର ଯୋଗ୍ୟତା ରହିଥିବା ଉଚିତ୍।

## ୨୦.୪ ଜଣେ ଉଦ୍ୟମୀଙ୍କର କାର୍ଯ୍ୟ

ଜଣେ ଉଦ୍ୟମୀଙ୍କ କିଛ ମୂଖ୍ୟ କାର୍ଯ୍ୟ ନିମ୍ନମତେ:

**୧. ଉଦ୍ୟୋଗର ସୁଯୋଗ ଚିହ୍ନିବା:** ବିଶ୍ୱରେ ବ୍ୟବସାୟ କରିବାପାଇଁ ଅନେକ ସୁଯୋଗ ରହିଛି।

ଏସବୁର ଆଧାର ମାନବ ଆବଶ୍ୟକତା। ଯେପରି ଖାଦ୍ୟ, ଫେସନ, ଶିକ୍ଷା ଆଦି ଯେଉଥିରେ ନିରନ୍ତର ପରିବର୍ତ୍ତନ ଘଟୁଛି। ସାଧାରଣ ଲୋକ ଏହି ସୁଯୋଗ ବୁଝିପାରନ୍ତି ନାହିଁ। ମାତ୍ର ଜଣେ ଉଦ୍ୟୋଗୀ ଏହାକୁ ଅନ୍ୟଲୋକ ତୁଳନାରେ ଖୁବ୍ ଶିଘ୍ର ଏହାର ବାସ୍ନା ପାଇପାରନ୍ତି। ତେଣୁ ଜଣେ ଉଦ୍ୟୋଗୀ ନିଜର ଆଖି ଓ କାନ ଖୋଲା ରଖିବାକୁ ପଡ଼େ। ତଥା ବିଚାର ଶକ୍ତି ସୃଜନଶୀଳତା ଓ ନୁତନତ୍ୱ ଆଡ଼କୁ ଅଗ୍ରସର ହେବା ଉଚିତ୍।

**୨. ବିଚାରକୁ କାର୍ଯ୍ୟାନ୍ୱିତ କରିବା:** ଜଣେ ଉଦ୍ୟମୀର ନିଜର ବିଚାରକୁ କାର୍ଯ୍ୟେ ପରିଣତତ କରିବାର ଯୋଉଗ୍ୟତା ରହିବା ଆବଶ୍ୟକ। ସେ ସେହି ବିଚାର ଉତ୍ପାଦ, ବ୍ୟବହାର ଗୁଡ଼ିକ ସୂଚନା ଏକତ୍ରିତ କରନ୍ତି ତାହା ବଜାର ଚାହିଦା ପୂରଣ କରିବାରେ ସହାୟକ ହୁଏ। ଏହି ଏକତ୍ରିତ ସୂଚନା ଆଧାରରେ ତାଙ୍କୁ ଲକ୍ଷ ପ୍ରାପ୍ତି ଦିଗରେ ପଦକ୍ଷେପ ନେବାକୁ ପଡ଼େ।

**୩. ସମ୍ଭାବନା ଅଧ୍ୟୟନ:** ଉଦ୍ୟମୀ ଅଧ୍ୟୟନ କରି ନିଜର ପ୍ରସ୍ତାବିତ ଉତ୍ପାଦ ବା ସେବାର ବଜାର ଯାଂଚ କରନ୍ତି। ସେ ସାମ୍ଭାବ୍ୟ ସମସ୍ୟ ଉପରେ ବିଚାର କରି ଉତ୍ପାଦ ସଂଖ୍ୟା, ମାତ୍ରା ତଥା ବ୍ୟୟ ସହିତ ଉପକ୍ରମ ଚଳାଇବା ପାଇଁ ଆବଶ୍ୟକତା ପୂରଣ କରୁଥିବା ସ୍ଥାନଗୁଡ଼ିକର ଖବର ମଧନିଅନ୍ତି। ଏହିସବୁ କ୍ରିୟାର ରୂପରେଖକୁ ବ୍ୟବସାୟ ଯୋଜନା ବା ପ୍ରୋଜେକ୍ଟ ରିପୋର୍ଟ କୁହାଯାଏ।

**୪. ସାଧନା ଯୋଗାଡ଼ କରିବା:** ଉଦ୍ୟୋଗ ସଫଳଭାବେ ଚଳାଇବାପାଇଁ ଜଣେ ଉଦ୍ୟମକୁ ଅନେକ ସାଧନା ବା ସମ୍ବଳର ଆବଶ୍ୟକତା ପଡ଼େ। ଏସବୁ ସାଧନା ହେଲା-ପୁଂଜି, ମେସିନ୍, କଂଚାମାଲ ଓ ମାନବ ସମ୍ବଳ। ଏହି ସବୁ ସମ୍ବଳ ଯୋଗାଡ଼ କରିବା ଉଦ୍ୟମୀଭ୍‌କ ଏକ ଆବଶ୍ୟକ।

**୫. ଉଦ୍ୟୋଗ ପ୍ରତିଷ୍ଠା:** ଏକ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଦ୍ୟମୀଙ୍କୁ କିଛି ବୈଧାନିକ କାର୍ଯ୍ୟାନୁଷ୍ଠାନ କରିବାକୁ ପଡ଼ିଥାଏ। ତାକୁ ଏକ ଉପଯୁକ୍ତ ସ୍ଥାନ ବାଛିବାକୁ ପଡ଼େ। କାରଖାନା ଓ ଭବନର ଡିଜାଇନ୍ କରିବା। ମେସିନ୍ ବସାଇବା ତଥା ଅନ୍ୟ ବହୁତ କାମ କରିବାକୁ ହୁଏ।

**୬. ଉଦ୍ୟୋଗ ପରିଚାଳନା:** ଉଦ୍ୟୋଗ ପରିଚାଳନା କରିବା ମଧ ଉଦ୍ୟମୀଙ୍କ ଏକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ। ତାଙ୍କୁ ମାନବ, ମାଲ, ବିତ୍ତ, ମାଲ ଉତ୍ପାଦନ ତଥା ସେବା ସବୁର ପରିଚାଳନା କରିବାକୁ ପଡ଼େ। ଯାହାଦ୍ୱାରା ଖଟାଯାଇଥିବା ଅର୍ଥରୁ ଉଚିତ୍ ଲାଭ ମିଳିପାରିବ। କେବଳ ଉପଯୁକ୍ତ ପରିଚାଳନା ଦ୍ୱାରା ହିଁ ଇପସିତ ଫଳ ମିଳିପାରିବ।

**(୭) ବୃଦ୍ଧି ଓ ବିକାଶ :- (Growth and Development)**ଥରେ ଇଚ୍ଛିତ ଫଳ ପାଇବା ପରେ ଉଦ୍ୟମୀଙ୍କୁ ଉଦ୍ୟୋଗର ବୃଦ୍ଧି ଓ ବିକାଶ ପାଇଁ ଆଗାମୀ ଉଚ୍ଚ ଲକ୍ଷ୍ୟ ଖୋଜିବାକୁ ହୋଇଥାଏ । ଉଦ୍ୟମୀ ଏକ ନିର୍ଦ୍ଧିରିତ ଲକ୍ଷ୍ୟ ପ୍ରାପ୍ତି ପରେ ସନ୍ତୁଷ୍ଟ ରହନ୍ତି ନାହିଁ ବରଂ ଉତ୍କ୍ଷତା ପ୍ରାପ୍ତି ପାଇଁ ସତତ ଚେଷ୍ଟାରତ ରହିଥାନ୍ତି ।

## ପାଠଗତ ପ୍ରଶ୍ନାବଳୀ ୨୦.୩

ନିମ୍ନଲିଖିତ ପ୍ରତ୍ୟେକ ବିଷୟରେ ନି ଶବ୍ଦରେ ଦୁଇଟାଇ ଲେଖାଏ ବାକ୍ୟ ଲେଖ ।

(୧) ସମ୍ଭାବନା

(୨) ସାଧନା ଯୋଗାଡ

## ୨୦.୫ ଏକ ଲଘୁ ଉଦ୍ୟୋଗ ପ୍ରତିଷ୍ଠା



ତୁମେ ଉଦ୍ୟମଶିଳତା ତଥା ଜଣେ ସଫଳ ଉଦ୍ୟମୀ ହେବା ପାଇଁ ଆବଶ୍ୟକ ଗୁଣ ବିଷୟରେ ଜାଣିଲ । ତୁମେ ଆହୁରୀ ଜାଣିଲ ଯେ ଉଦ୍ୟୋଗ ପ୍ରତିଷ୍ଠା କରିବା ଜଣେ ଉଦ୍ୟମୀ କ'ଣ କ'ଣ କରନ୍ତି । ଯଦି ତୁମ ପାଖରେ ସେହି ଗୁଣ ସବୁ ଅଛିତ ତୁମେ ସବୁ ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ ତେବେ ତୁମେ ମଧ୍ୟ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିପାରିବ । କିନ୍ତୁ ନିଜ ପ୍ରତିଷ୍ଠା କରିବାର ବିଚାର କରିବା ପୂର୍ବରୁ ଏକ ଲଘୁ ବ୍ୟବସାୟ ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକ ବିଭିନ୍ନ କାରକ ବିଷୟରେ ଜାଣିନେବା ଉଚିତ୍ ।

### (୧) ଲଘୁ ବ୍ୟବସାୟ କିଏ ପ୍ରତିଷ୍ଠା କରିପାରନ୍ତି !

ଏକ ଲଘୁ ବ୍ୟବସାୟୀ ଏକକ ଯେ କୌଣସି ବ୍ୟକ୍ତି ପ୍ରତିଷ୍ଠା କରିପାରନ୍ତି ।

- ସେ ପୁରାତନ ଉଦ୍ୟମୀ ହୋଇପାରନ୍ତି କିମ୍ବା ନୂତନ ମଧ୍ୟ ହୋଇପାରନ୍ତି ।
- ତାଙ୍କର ବ୍ୟବସାୟ ଚଳାଇବାର ଅଭିଜ୍ଞତା ଥାଇପାରେ, ନଥାଇ ପାରେ ମଧ୍ୟ ।
- ସେ ଶିକ୍ଷିତ ହୋଇଥାନ୍ତୁ କି ଅଶିକ୍ଷିତ ହୋଇଥାନ୍ତୁ ।
- ତାଙ୍କର ପୃଷ୍ଠଭୂମି ଗ୍ରାମୀଣ ହୋଇପାରେ କିମ୍ବା ସହରୀ ହୋଇପାରେ ।

**(୨) ଉଦ୍ୟମୀ ବିଶ୍ଳେଷଣ କରି ଆକଳନ କରିବାକୁ ହେବ ବ୍ୟବସାୟରେ କେତେ ଟଙ୍କା ଆବଶ୍ୟକତା ପଡିବ ଓ କେତେ ସମୟ ପାଇଁ ।** ମେସିନ୍, ଭବନ, କଂଚାମାଲ ଆଦି କିଣିବା ତଥା ଶ୍ରମିକଙ୍କ ମଜୁରୀ ଦେବା ପାଇଁ ତାଙ୍କର ଅର୍ଥ ଦରକାର ପଡ଼େ । ଯନ୍ତ୍ରପାତି ଭବନ, ଉପକରଣ ଆଦି କ୍ରୟରେ ଖର୍ଚ୍ଚ କରାଯାଇଥିବା ଅର୍ଥ ହେଉଛି ସ୍ଥାୟୀ ପୁଞ୍ଜି । ଅନ୍ୟ ପକ୍ଷରେ କଞ୍ଚାମାଲ ଖରିଦ୍ ମଜୁରୀ ଓ ବେତନ, ଘରଭଡା, ଟେଲିଫୋନ ଓ ବିଜୁଳି ବିଲ୍ ବାବଦରେ ଖର୍ଚ୍ଚ କରାଯାଇଥିବା ଅର୍ଥକୁ କାର୍ଯ୍ୟଶୀଳ ପୁଞ୍ଜି କୁହାଯାଏ । ଜଣେ ଉଦ୍ୟମୀଙ୍କୁ ଏହି ଉଭୟ ପ୍ରକାର ପୁଞ୍ଜି ଖଟାଇବାକୁ ପଡ଼ିଥାଏ । ଏହି ଅର୍ଥ ନିଜ ଘରୁ ଭରଣା କରାଯାଇପାରେ କିମ୍ବା ବ୍ୟାଙ୍କ ତଥା ଅନ୍ୟ ବିତ୍ତ ସଂସ୍ଥା ଠାରୁ ଋଣ ନେଇ ବନ୍ଧୁ ଓ ଆତ୍ମୀୟ ସ୍ୱଜନଙ୍କ ଠାରୁ ମଧ୍ୟ ଅର୍ଥ ଉଧାର ନିଆଯାଇପାରେ ।

### (୩) ବ୍ୟବସାୟ ଚୟନ :-

ଉଦ୍ୟମୀ ଯେବେଠାରୁ ଭାବିବା ଆରମ୍ଭ କରି ପାରନ୍ତି କେଉଁ ଜିନିଷର ବ୍ୟବସାୟ କରିବେ, ସେବେଠାରୁ ବ୍ୟବସାୟ ପ୍ରକ୍ରିୟା ଆରମଗ ହୋଇଯାଏ । ସେ ବଜାର ଚାହିଦା ଦେଖି ବ୍ୟବସାୟୀକ ସୁଯୋଗ ଉପରେ ଭାବି ପାରନ୍ତି । ସେ ବିଦ୍ୟମାନ ବସ୍ତୁ ବା ଉତ୍ପାଦ ପାଇଁ ନିର୍ଣ୍ଣୟ ନେଇପାରନ୍ତି । କିନ୍ତୁ କୌଣସି ପଦକ୍ଷେପ

ନେବା ପୂର୍ବରୁ ତାଙ୍କୁ ବ୍ୟବସାୟ ଲାଭ ଶକ୍ତି ଓ ପୁଞ୍ଜି ନିବେଶ ଉପରେ ଗୁରୁତର ଚିନ୍ତା କରିବାକୁ ହେବ । ଲାଭ ସମ୍ଭାବନା ଓ ବିପଦ ଆଶଙ୍କା ସ୍ଥିତି ଉପରେ ଚିନ୍ତା ନ କରିବା ପରେ ହିଁ ବ୍ୟବସାୟର କେଉଁ ଦିଗ ଠିକ୍ ହେବ ଏ ବିଷୟରେ ଉଦ୍ୟମୀ ନିର୍ଣ୍ଣୟ ନେବା ଉଚିତ୍ ।

**(୪) ସଂଗଠନ ସ୍ୱରୂପର ଚୟନ :-**

ସଂଗଠନର ବିଭିନ୍ନ ସ୍ୱରୂପ ବିଷୟରେ ତୁମେ ଜାଣି ସାରିଛ । ଏବେ ତୁମକୁ ନିଜ ଆବଶ୍ୟକତା ଅନୁସାରେ ସର୍ବଶ୍ରେଷ୍ଠ ରୂପ ଚୟନ କରିବାକୁ ପଡ଼ିବ । ସାଧାରଣତଃ ଏକ ଲଘୁ ଉଦ୍ୟୋଗ ବାଛିବା ଠିକ୍ ହେବ, ଯାହା ଏକକ ବ୍ୟବସାୟ ବା ଅଂଶୀଦାର ରୂପେ ନେଇପାରେ ।

**(୫) ବ୍ୟବସାୟ କେଉଁଠି ଆରମ୍ଭ କରାଯିବ ତାହାର ସ୍ଥଳ ନିର୍ବାଚନ**ରେ ବିଶେଷ ସାବଧାନତା ଅବଲମ୍ବନୀୟ । ଜଣେ ଉଦ୍ୟମୀ ନିଜ ସ୍ଥାନରେ ଅଥବା ଭଡ଼ା ସ୍ଥାନରେ ବ୍ୟବସାୟ ଆରମ୍ଭ କରିପାରନ୍ତି । ଏହି ସ୍ଥଳ କୌଣସି ବଜାର ବା ମାର୍କେଟ କମ୍ପ୍ଲେକ୍ସ କିମ୍ବା ଶିଳ୍ପାଞ୍ଚଳରେ ହୋଇପାରେ । ସ୍ଥାନ ବିଷୟରେ ନିଷ୍ପତ୍ତି ନେବା ସମୟରେ ଉଦ୍ୟମୀଙ୍କୁ ଅନେକ କାରକ ଯଥା ବଜାର ନିକଟତା ଶ୍ରମ ଉପଲବ୍ଧତା, ଯାତାୟତ ସୁବିଧା, ବ୍ୟାଙ୍କ ସେବା ଓ ଯୋଗା ଯୋଗ ସୁବିଧା ଆଦି ଉପରେ ବିଚାର କରିବା ଉଚିତ୍ । ଏହି କାରଖାନା ଏପରି ସ୍ଥାନରେ ପ୍ରତିଷ୍ଠା କରିବା ଦରକାର ଯେଉଁଠାରେ କଞ୍ଚାମାଲ ପ୍ରାପ୍ତିର ଉତ୍ସଥିବ ଓ ସେହି ସ୍ଥାନ ରେଳ-ସଡକ ପରିବହନ ସୁବିଧା ସହ ସଂଯୁକ୍ତ ହୋଇଥିବ । ଆବଶ୍ୟକତା ଖୁଚୁରା ବେପାର ଏକ ବ୍ୟସ୍ତ ଅଥବା ବଜାରରେ ଆରମ୍ଭ କରାଯିବା ଉଚିତ୍ ।

**(୬) ଶ୍ରମ ଉପଲବ୍ଧ :-**

ଜଣେ ଉଦ୍ୟମୀ ଏକାକୀ ବ୍ୟବସାୟ ଚଳାଇ ପାରିବେ ନାହିଁ । ତାଙ୍କୁ ସାହାଯ୍ୟ କରିବା ପାଇଁ କିଛି ଲୋକଙ୍କୁ ଚାକିରୀ ଦେଇ ରଖିବାକୁ ପଡ଼େ । ବିଶେଷ କରି ନିର୍ମାଣ କାର୍ଯ୍ୟ ପାଇଁ ତାକୁ ପ୍ରଶିକ୍ଷଣ ଓ ଅର୍ଦ୍ଧ ପ୍ରଶିକ୍ଷଣ କାରୀଗରଙ୍କୁ ରଖିବାକୁ ହେବ । କାର୍ଯ୍ୟ ଆରମ୍ଭ କରିବା ପୂବରୁ ଉଦ୍ୟମୀ ନିଶ୍ଚିତ ହେବା ଉଚିତ୍ କାଯ୍ୟ ଯୋଗ୍ୟ କମଚାରୀ ମିଳିବେ କି ?

## ୨୦.୪ ପାଠଗତ ପ୍ରଶ୍ନାବଳୀ

(କ) ନିମ୍ନଲିଖିତ କଥାରୁ କେଉଁଟି ଠିକ୍ କେଉଁଟି ଭୁଲ୍ ।

(୧) କେବଳ ଧନି ବ୍ୟକ୍ତି ହିଁ ବ୍ୟବସାୟ ଆରମ୍ଭ କରି ପାରନ୍ତି ।

(୨) ଉଦ୍ୟମୀ ଦ୍ୱାରା ଏକ ଲଘୁ ଉଦ୍ୟୋଗ ନିଜ ସ୍ଥାନରେ କିମ୍ବା ଭଡ଼ା ସ୍ଥାନରେ ଆରମ୍ଭ କରାଯାଇପାରେ

(୩) ଜଣେ ଉଦ୍ୟମୀ ସଠିକ୍ ଉପଭୋକ୍ତି ଉତ୍ପାଦଠାରୁ ଭିନ୍ନ ବ୍ୟବସାୟ କରିବା ଉଚିତ୍ ।

(୪) ଲଘୁ ବ୍ୟବସାୟ ପାଇ କାର୍ଯ୍ୟଶୀଳ ପୁଞ୍ଜିର ଆବଶ୍ୟକତା ନାହିଁ ।

(୫) ଉତ୍ପାଦ ବିପଣନ ପାଇଁ ବିଷୟ ସମ୍ବର୍ଦ୍ଧନ କୌଶଳ ପ୍ରୟୋଗ କରିବା ଉଚିତ୍ ।

(ଖ) ବହୁ ସମ୍ଭାବ୍ୟ ଉତ୍ତର ମୂଳକ ପ୍ରଶ୍ନ

୧. ନିମ୍ନଲଇଖିତ କେଉଁଟି ଉଦ୍ୟୋକ୍ତା ଅବଦାନ ନୁହେଁ

(କ) ଲୋକମାନଙ୍କୁ ନିଯୁକ୍ତି ଯୋଗାଇବା (ଖ) ଗବେଷଣା ଓ ବିକାଶରେ ସାହାଯ୍ୟ କରିବା

(ଗ) ଦେଶର ସଂପଦ ସୃଷ୍ଟିକରିବା (ଘ) ସ୍ୱୟଂ ସଂପୂର୍ଣ୍ଣ ହେବା

୨. କେଉଁଟି ଉଦ୍ୟୋକ୍ତାର ଏକ ଗୁଣ

(କ) ଉଦ୍ୟମ (ଖ) ଅନୁଭୂତିର ଅଭାବ

(ଗ) ବିଶ୍ୱାସର ଅଭାବ (ଘ) ସିଦ୍ଧାନ୍ତର ନେବା ଦକ୍ଷତାର ଅଭାବ

୩. ଏଗୁଡ଼ିକ ମଧ୍ୟରୁ କେଉଁଟି ଉଦ୍ୟୋକ୍ତାର କାର୍ଯ୍ୟନୁହେଁ

(କ) କୌଶଳକୁ କାର୍ଯ୍ୟରେ ପରିଣତ କରିବା

(ଖ) କାର୍ଯ୍ୟକାରୀତାର ଅନୁଧ୍ୟାନ

(ଗ) ଉପାୟ ନିର୍ଣ୍ଣୟ କରିବାର ପାରଦର୍ଶିତା

(ଘ) ଚାଲୁରହିଥିବା ବ୍ୟବସାୟକୁ ବନ୍ଦ କରିବା

୪. ଏମାନଙ୍କ ମଧ୍ୟରୁ କିଏ ଗୋଟିଏ ବ୍ୟବସାୟ ଆରମ୍ଭ କରିପାରେ

(କ) କେବଳ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି

(ଖ) କେବଳ ଜଣେ ଅଶିକ୍ଷୀତ ବ୍ୟକ୍ତି

(ଗ) କେବଳ ଜଣେ ଧନୀ ବ୍ୟକ୍ତି

(ଘ) ଉପରୋକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେକେହିଭ

୫. ଯେକୌଣସି ଗୋଟିଏ ବ୍ୟବସାୟ ବାଛିଲାବେଳେ ଜଣେ ଉଦ୍ୟୋକ୍ତା ନିମ୍ନଲିଖିତ କେଉଁ ବିଷୟଟି ଧ୍ୟାନ ଦେବା ଉଚିତ୍

(କ) ଲାଭ ଦାୟକ (ଖ) ରିସ୍କ

(ଗ) ଲାଭ (ଘ) ଉପରୋକ୍ତ ସମସ୍ତ ବିଷୟ ଗୁଡ଼ିକ

## ତୁମେ କ'ଣ ଶିଖିଲ

- ବ୍ୟବସାୟ ସୁଯୋଗ ଚିହ୍ନିବା ପାଇଁ ଉଦ୍ୟମୀ ଏକ ସୃଜନାତ୍ମକ ଓ ପ୍ରବର୍ତ୍ତନକାରୀ ବ୍ୟକ୍ତି, ତାଙ୍କ ଠାରେ ରିସ୍କ ନେବାର ଯୋଗ୍ୟତା ଓ ବ୍ୟବସାୟ ଚଳାଇବାର ଆବଶ୍ୟକୀୟ ରୁଚି ଥାଏ । ଏହି ପ୍ରକ୍ରିୟାରେ ସେ ନିଜେ ଲାଗି ରହିବା ସହ ଅନ୍ୟବ୍ୟକ୍ତିମାନଙ୍କ ପାଇ ମଧ୍ୟ କର୍ମ ନିଯୁକ୍ତି ସୃଷ୍ଟି କରିଥାନ୍ତି ।
- ଉଦ୍ୟମଶୀଳତା ହେଉଛି ନୂତନ ବିଚାର ଚିହ୍ନବା, ବିକଶିତ କରିବା ଏବଂ ସେ ସବୁକୁ ବାସ୍ତବିକ ପ୍ରଦାନ କରିବାର କ୍ରିୟା ।
- ଏହିପରି ଭାବରେ ଉଦ୍ୟମ ବ୍ୟକ୍ତିମାନଙ୍କ ଦ୍ୱାର ପ୍ରୟୋଗ କରାଯାଇଥିବା ବିଭିନ୍ନ ଗୁଣ ଓ ଗୁରୁତ୍ୱର ସମ୍ମିଶ୍ରଣ, ଯାହା ନୂତନ ପରିବର୍ତ୍ତନ, ନୂତନ ଶକ୍ତି ତଥା ରିସ୍କ ନେବାକୁ ପ୍ରସ୍ତୁତ ହୋଇ ବ୍ୟବସାୟ ବୃଦ୍ଧି ଏବଂ ଉତ୍କର୍ଷତା ପାଇଁ ଚିରନ୍ତନ ଉଦ୍ୟମରତ ।
- ପ୍ରତ୍ୟେକ ରାଷ୍ଟ୍ର ପାଇଁ ଉଦ୍ୟମୀଙ୍କ ଆବଶ୍ୟକତା ରହିଛି, କାରଣ ସେମାନେ ସମୃଦ୍ଧି ଓ ଆର୍ଥିକ ବିକାଶରେ ଯଥେଷ୍ଟ ଯୋଗଦାନ କରିଥାନ୍ତି ।
- ଜଣେ ଉଦ୍ୟମଠାରେ ନୂତନ କରି ଆରମ୍ଭ କରିବା ରିସ୍କ ନେବାର ଇଚ୍ଛା, ଅଭିଜ୍ଞତାରୁ ଶିଖିବାର ଯୋଗ୍ୟତା ସ୍ୱ-ପ୍ରେରଣା, ଆତ୍ମବିଶ୍ୱାସ କଠିନ ପରିଶ୍ରମ କରିବା ଓ ଉପଯୁକ୍ତ ନିଷ୍ପତ୍ତି ନେବାର ଯୋଗ୍ୟତା ଓ ପୁଣି ଗୁଣ ଥିବା ଆବଶ୍ୟକ ।

- ଉଦ୍ୟମୀ ବ୍ୟବସାୟୀର ବିଭିନ୍ନ ସୁଯୋଗ ଚିହ୍ନନ୍ତି, ନିଜ ବିଚାରକୁ କାର୍ଯ୍ୟାନ୍ୱିତ କରନ୍ତି । ନିଜ ପ୍ରକଳ୍ପର ସମ୍ଭାବନାର ଅଧ୍ୟୟନ କରନ୍ତି, ସମ୍ବଳ ଯୋଗାଡ଼ କରନ୍ତି, ଉଦ୍ୟୋଗ ପ୍ରତିଷ୍ଠା ତଥା ଅଭିବୃଦ୍ଧି ଓ ଉତ୍କର୍ଷତା ପାଇଁ ନିରନ୍ତର ଚେଷ୍ଟାରତ ରହନ୍ତି ।
- କୌଣସି ବ୍ୟକ୍ତି ଶିକ୍ଷିତ ହୁଅନ୍ତୁ କି ଅଶିକ୍ଷିତ, ବ୍ୟବସାୟିକ ପରିବାରର ହୋଇଥାନ୍ତୁ କି ଅଣ ବ୍ୟବସାୟୀକ ପରିବାରର ହୋଇଥାନ୍ତୁ । ଗ୍ରାମୀଣ ହୁଅନ୍ତୁ କି ସହରବାସୀ ହୁଅନ୍ତୁ, ଏକ ଲଘୁଉଦ୍ୟୋଗ ଆରମ୍ଭ କରିପାରନ୍ତି । ଆବଶ୍ୟକତା ଇଚ୍ଛାଶକ୍ତି ତଥା ଆତ୍ମ ବିଶ୍ୱାସର ।
- ଲଘୁ ଉଦ୍ୟୋଗ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଅର୍ଥ ନିଜ ସମ୍ବଳରୁ କିମ୍ବା ଉଭୟ ସାଧନାରୁ ଯୋଗାଡ଼ କରିହେବ । ବ୍ୟାଙ୍କ ଓ ଅନ୍ୟବିତ୍ତ ସଂସ୍ଥାରରୁ ମଧ୍ୟ ଋଣ ନିଆଯାଇପାରେ ।
- ଏକ ଲଘୁ ଉଦ୍ୟୋଗ ଚଳାଇବାରେ ସଫଳ ହେବା ପାଇଁ ତୁମେ ଗୋଟିଏ ଉତ୍ପାଦ କିମ୍ବା ଅନେକ ଉତ୍ପାଦ ମିଶାଇ ଚୟନ କରିବାର, କେବଳ ସର୍ତ୍ତ ହେଉଛି, ବଜାରରେ ସେ ସବୁର ଚାହିଦା ଥିବା ଦରକାର ।

## ପଠାନ୍ତ ପ୍ରଶ୍ନାବଳୀ

(୧) 'ଉଦ୍ୟମ' ଅବଧାରଣା ସ୍ପଷ୍ଟ କର ।
(୨) ଉଦ୍ୟୋଗୀର ୩ଟି ବିଶେଷତ୍ୱ ଲେଖ ।
(୩) ଉଦ୍ୟମୀଙ୍କ ଯେ କୌଣସି ତିନିଟି ଗୁଣ କୁହ ।
(୪) ଏକ ଉଦ୍ୟମୀ ହେବାର ଗୁରୁତ୍ୱ ବୁଝାଅ ।
(୫) ଜଣେ ସଫଳ ଉଦ୍ୟମୀଙ୍କ ଯେକୌଣସି ତିନୋଟି ବିଶେଷତ୍ୱ କୁହ ।
(୬) ସୁପ୍ରେରଣା କିପରି ସଫଳତା ଚାବିକାଠି ବର୍ଣ୍ଣନା କର ।
(୭) ଜଣେ ଉଦ୍ୟମିଙ୍କ ବିଭିନ୍ନ କାର୍ଯ୍ୟ ବର୍ଣ୍ଣନା କର ।
(୮) ଏକ ବଲ୍‌ପେନ୍ ତିଆରି କରିବାର ଲଘୁ ଉଦ୍ୟୋଗ ପ୍ରତିଷ୍ଠା କରିବା ସମୟରେ ତୁମେ କେଉଁ କେଉଁ କାରକ ଗୁଡ଼ିକୁ ଦୃଷ୍ଟିରେ ରଖିବ । ସବିସ୍ତୃତ ବର୍ଣ୍ଣନା କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୦.୧** (୧) ଠିକ୍ (୨) ଭୁଲ୍ (୩) ଠିକ୍ (୪) ଭୁଲ୍ (୫) ଠିକ୍ (୬) ଠିକ୍

**୨୦.୨** (୧) ଭୁଲ୍ (୨) ଠିକ୍ (୩) ଭୁଲ୍ (୪) ଠିକ୍

**୨୦.୩** ନିଜେ ଉତ୍ତର ଲେଖ

**୨୦.୪.୧** (୧) ଭୁଲ୍ (୨) ଠିକ୍ (୩) ଭୁଲ୍ (୪) ଭୁଲ୍ (୫) ଠିକ୍

**୨୦.୪.୨** (୧) ଘ (୨) (କ) (୩) ଘ (୪) ଘ (୫) ଘ

## ତୁମ ପାଇଁ କାମ

(୧) ନିକଟବର୍ତ୍ତୀ ଏକ ଲଘୁ ଉଦ୍ୟୋଗକୁ ଯାଅ ଓ ତାର କାର୍ଯ୍ୟ କରିବାର ନୀରିକ୍ଷଣ କର ।
(୨) ନିଜ ଆଖ ପାଖରେ ଥିବା କୌଣସି ଉଦ୍ୟମିଙ୍କୁ ସାକ୍ଷାତ କର ଓ ତାଙ୍କ ସଫଳତା ରହସ୍ୟ ବିଷୟରେ ତାଙ୍କ ସହ କଥାବାର୍ତ୍ତା କର ।


# ମଡ୍ୟୁଲ-୭

**ସର୍ବାଧିକ ମୂଲ୍ୟାଙ୍କନ ନମ୍ବର-୦୦** **ଅଧ୍ୟନର ସମୟ: ୩୦ ଘଣ୍ଟା**

## ପ୍ରକଳ୍ପ / ପ୍ରାୟୋଗିକ କାର୍ଯ୍ୟ

ପରିଶେଷରେ ଶିକ୍ଷାର ଦକ୍ଷତା ଅର୍ଜନ କରିସାରିବା ପରେ କୌଣସି କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିବାକୁ ପଡ଼େ, ତାହା ଚାକିରୀ କିମ୍ବା ଆତ୍ମନିଯୁକ୍ତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ନିୟୋଜିତ କାର୍ଯ୍ୟ ସେମାନେ କିପରି ଦକ୍ଷଭାବରେ ସମ୍ପାଦନ କରିଛନ୍ତି, ତାହା ଉପରେ ସେମାନଙ୍କର ସଫଳତା ନିର୍ଭର କରେ।

ନିୟୋଜିତ କାର୍ଯ୍ୟକୁ କିପରି ଦକ୍ଷତାର ସହିତ ସମ୍ପାଦନ କରିବାକୁ ହେବ, ତାହା ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ କ୍ରୀୟାଶୀଳ ମନୋଭାବ ସୃଷ୍ଟି କରିବା ଏହି ମଡ୍ୟୁଲରେ ପରିକଳ୍ପନା କରାଯାଇଛି। ଯଦିଓ ଏହି ମଡ୍ୟୁଲ ପରୀକ୍ଷା ସହିତ ସମ୍ପୃକ୍ତି ନୁହେଁ।





# ୨୧

# ବ୍ୟବସାୟ ଅଧ୍ୟୟନରେ ପ୍ରକଳ୍ପ କାର୍ଯ୍ୟ/ ପ୍ରାୟୋଗିକ କାର୍ଯ୍ୟର ସଚେତନତା

ଏହା ଆଶା କରାଯାଏ ଯେ, ପ୍ରାୟୋଗିକ କାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକଶିତ କରିବାରେ ଓ ବ୍ୟବସାୟରେ ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବା ପାଇଁ ସାହାଯ୍ୟ କରେ ଏବଂ ସେମାନଙ୍କର ଜୀବନଶୈଳୀକୁ ଅଭିପ୍ରାୟମୂଳକ କରିଥାଏ।


**ପ୍ରକଳ୍ପ:**

୧. ତୁମ ପାଖରେ ଥିବା ପାଞ୍ଚଜଣ କାର୍ଯ୍ୟ କରୁଥିବା ଲୋକଙ୍କ ପାଖରୁ ସେମାନଙ୍କର ଜୀବିକା ନିର୍ବାହ ପାଇଁ ସେମାନେ କ'ଣ ଅଭିପ୍ରାୟ କରନ୍ତି ? ତାହାକୁ ବ୍ୟବସାୟ, ବୃତ୍ତି ଏବଂ ରୋଜଗାରରେ ଶ୍ରେଣୀଭୁକ୍ତ କର ଏବଂ ନିମ୍ନଲିଖିତ ଫର୍ମାଟ ବା ବହିର ଆକୃତିରେ ତଥ୍ୟ ଗୁଡ଼ିକ ଦେଖାଅ।

| କ୍ର. ନଂ | ସଂସ୍ଥାର ନାମ | ଦ୍ରବ୍ୟ/ସେବାର ନାମ | ବ୍ୟବସାୟ/ବୃତ୍ତି/ରୋଜଗାର |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

ଏହି ତିନୋଟି ଅର୍ଥନୈତିକ କାର୍ଯ୍ୟକଳାପ ଗୁଡ଼ିକୁ (ବ୍ୟବସାୟବୃତ୍ତି ଏବଂ ରୋଜଗାର) ନିମ୍ନଲିଖିତ ବିନ୍ଦୁଗୁଡ଼ିକ ସହ କରି ତୁଳନା କର:

| ଆଧାର | ବ୍ୟବସାୟ | ବୃତ୍ତି | ରୋଜଗାର |
|---|---|---|---|
| ଅର୍ଥ | | | |
| ନିୟନ୍ତ୍ରଣ କରିବା | | | |
| ଆଚରଣ ସଂହିତା | | | |
| ଅବଧି ଏବଂ ସର୍ତ୍ତ | | | |
| ଫେରସ୍ତ ନେବା | | | |
| ବିପଦର ଆଶଙ୍କା | | | |





୨. କୌଣସି ପାଞ୍ଚଜଣ ଦୋକାନୀ ବା କୌଣସି ଅନ୍ୟ ବ୍ୟବସାୟୀଙ୍କୁ ପଚାର ଏବଂ ଆବିଷ୍କାର କର:

କ) ସେମାନେ ବ୍ୟବହୃତ କରୁଥିବା ବିଭିନ୍ନ ପ୍ରକାରର ଦ୍ରବ୍ୟ ଏବଂ ସେବା

ଖ) ଜମି, ମଜୁରିଆ ଏବଂ ପୁଞ୍ଜି ଭଳି ସମ୍ବଳ ସେମାନେ ବିନିଯୋଗ କରନ୍ତି

ଗ) ଲାଭ ଉପାର୍ଜନରେ ସେମାନେ ବିପଦର ଆଶଙ୍କା ଏବଂ ଅସ୍ଥିରତା ସମ୍ମୁଖୀନ ହୁଅନ୍ତି।

ନିମ୍ନଲିଖିତ ବହିର ଆକୃତି ବା ଫର୍ମାଟରେ ଲିଖିତ ବିବରଣୀ ଦିଅ:

| କ୍ର.ନଂ | ସଂସ୍ଥାର ନାମ ଏବଂ ଠିକଣା | ଦ୍ରବ୍ୟ ଏବଂ ସେବାର ନାମ | ବ୍ୟବହାର କରାଯାଉଥିବା ସମ୍ବଳ | | | ସମ୍ମୁଖୀନ ହେଉଥିବା ଅସ୍ଥିରତା |
|---|---|---|---|---|---|---|
| | | | ଜମି (ବର୍ଗଫୁଟ) | କର୍ମଚାରୀମାନଙ୍କ ସଂଖ୍ୟା | ପୁଞ୍ଜି (ଟଙ୍କା) | |
| ୧ | | | | | | |
| ୨ | | | | | | |
| ୩ | | | | | | |
| ୪ | | | | | | |
| ୫ | | | | | | |

୩. ଭାରତରେ ମୂଲ୍ୟବାନ ପଦାର୍ଥର ରପ୍ତାନୀ ଏବଂ ଆମଦାନୀ ବିଷୟର ତଥ୍ୟ ବହିରୁ ସଂଗ୍ରହକର। ଆମ ଦେଶରେ ବୈଦେଶିକ ବେପାର ପାଇଁ ବ୍ୟବହାର ହେଉଥିବା ଅତିକମ୍‌ରେ ପାଞ୍ଚଟି ବନ୍ଦରର ନାମ ମଧ୍ୟ ଖୋଜି ବାହାର କର। ନିମ୍ନଲିଖିତ ବହିର ଆକୃତିରେ ତୁମର ବିବରଣୀ ଦର୍ଶାଅ।

### ଆମଦାନୀ ପଦାର୍ଥ


| କ୍ର.ନଂ. | ପଦାର୍ଥ ଏବଂ ଜିନିଷର ନାମ | ଆମଦାନୀ ସଂସ୍ଥାର ନାମ | କେଉଁଠାରୁ ଆମଦାନୀ ହେଲା ସେ ଦେଶର ନାମ | ଆମଦାନୀ ପାଇଁ ବ୍ୟବହାର କରାଯାଉଥିବା ସାମୁଦ୍ରିକ ଭାରତୀୟ ବନ୍ଦର |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

### ରପ୍ତାନୀ ପଦାର୍ଥ

| କ୍ର.ନଂ. | ପଦାର୍ଥ ଏବଂ ଜିନିଷର ନାମ | ରପ୍ତାନୀ ସଂସ୍ଥାର ନାମ | କେଉଁଠାକୁ ରପ୍ତାନୀ ହେଲା ସେ ଦେଶର ନାମ | ରପ୍ତାନୀ ପାଇଁ ବ୍ୟବହାର କରାଯାଉଥିବା ଭାରତର ସାମୁଦ୍ରିକ ବନ୍ଦର |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

୪. ତୁମ ଅଞ୍ଚଳରେ କଛ ଦୋକାନୀ କମ୍ବା ଯେକୋଣସ ଅନ୍ୟବ୍ୟବସାୟୀମାନେ ବ୍ୟବସାୟ ଚଳାଇବାରେ ସେମାନଙ୍କର ଲକ୍ଷ୍ୟ କ'ଣ ସେ ବିଷୟ ଗୁଡ଼ିକୁ ଖୋଜି ବାହାର କର। ତୁମେ ଶିକ୍ଷା ଲାଭ କରିଥିବା ଉଦ୍ଦେଶ୍ୟ ଭଳି ଏହି ଉଦ୍ଦେଶ୍ୟ ଗୁଡ଼ିକୁ ଶ୍ରେଣୀ ବିଭାଜନ କର।

ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ:



ଟିପ୍ପଣୀ

| କ୍ର.ନଂ. | ସଂସ୍ଥାର ନାମ ଏବଂ ଠିକଣା। | ଉଦ୍ଦେଶ୍ୟ | ବିଭିନ୍ନ ପ୍ରକାରର ଉଦ୍ଦେଶ୍ୟ ଅର୍ଥନିତୀ/ ମାନବିକ/ ସାମାଜିକ / ଜାତୀୟ / ଆନ୍ତର୍ଜାତୀୟ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |
| ୬ | | | |
| ୭ | | | |


୫. ତୁମ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପାଞ୍ଚଟି ବ୍ୟବସାୟ କାର୍ଯ୍ୟକଳାପକୁ ଚିହ୍ନଟ କର। ସେଗୁଡ଼ିକୁ 'ଶିଳ୍ପ' କିମ୍ବା 'ବାଣିଜ୍ୟ' ରୂପେ ଶ୍ରେଣୀ ଭୁକ୍ତ କର। ଏତଦ୍‌ବ୍ୟତୀତ ଶିଳ୍ପ ଭିତରେ ତୁମେ କହିପାରିବ କି ଯେ ସେଗୁଡ଼ିକ ପ୍ରାଥମିକ ଶିଳ୍ପ, ମାଧ୍ୟମିକ ଶିଳ୍ପ କିମ୍ବା ସେବାକାରୀ ଶିଳ୍ପ ଅଟନ୍ତି କି ? ନିମ୍ନଲିଖିତ ବହିର ଆକୃତି ବା ଫର୍ମାଟରେ ତୁମର ବିବରଣୀ ଦର୍ଶାଅ।

| କ୍ର.ନଂ. | ସଂସ୍ଥାର ନାମ ଏବଂ ଠିକଣା। | ବ୍ୟବସାୟ କାର୍ଯ୍ୟକଳାପର ସ୍ୱଭାବ | ଶିଳ୍ପ ଏବଂ ବାଣିଜ୍ୟ | ଭିଭିନ୍ନ ପ୍ରକାରର ଶିଳ୍ପ (ଶିଳ୍ପ ବାବଦରେ) |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

୬. ତୁମ ନିକଟ ବଜାର (ମାର୍କେଟ)ରେ ଯେକୌଣସି ପାଞ୍ଚଟି ଦୋକାନର ସର୍ବେକ୍ଷଣ କର ଏବଂ ବିଭିନ୍ନ ଦୋକାନର ଗୋଟିଏ ତାଲିକା ତିଆରି କର। ଜଣକର ବ୍ୟକ୍ତି ଦ୍ୱାରା ମାଲିକାନାରେ ଚାଲୁଥିବା ଅତିକମରେ ପାଞ୍ଚଟି ବ୍ୟବସାୟ ସଂସ୍ଥାକୁ ଚିହ୍ନଟ କର ଏବଂ ତୁମ ଅଞ୍ଚଳରେ ଯେକୌଣସି ଦୋକାନୀକୁ ପଚାର ଯେ ସେ ତା'ର ଦୋକାନକୁ ପ୍ରସାରିତ କରିବାରେ କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହୁଏ। ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରୁ ତୁମର ବିବରଣୀ ଦର୍ଶାଅ।

| କ୍ର.ନଂ. | ସଂସ୍ଥାର ନାମ ଏବଂ ଠିକଣା | ଦୋକାନରେ ମିଳୁଥିବା ବିଭିନ୍ନ ପ୍ରକାରର ଦ୍ରବ୍ୟ | ମାଲିକାନା ଏକୁଟିଆ କିମ୍ବା ଯୌଥ | ବ୍ୟବସାୟକୁ ପ୍ରସାରିତ କରିବାରେ ସମ୍ମୁଖୀନ ହେଉଥିବା ଅସୁବିଧା (କେବଳ ଏକକ ମାଲିକାନା ପାଇଁ) |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

**ସିଦ୍ଧାନ୍ତ:** ଜଣେ ଏକକ ମାଲିକାନା ବ୍ୟକ୍ତି ନିଜର ବ୍ୟବସାୟକୁ ପ୍ରସାରିତ କରିବାରେ ସମ୍ମୁଖୀନ ହେଉଥିବା ଅସୁବିଧା ଗୁଡ଼ିକ।







୭. ପ୍ରତିଦିନ ବ୍ୟବହାର କରାଯାଉଥିବା ଯେକୌଣସି ପାଞ୍ଚଟି ସାମଗ୍ରୀ (ପ୍ୟାକେଟ ବା ପୁଡ଼ିଆରେ ବନ୍ଧା ହୋଇଥିବା ସାମଗ୍ରୀ ଏବଂଏହି ସବୁ ସାମଗ୍ରୀ ଗୁଡ଼ିକୁ ଉତ୍ପାଦନ କରୁଥିବା ଉଦ୍ୟୋଗ (କମ୍ପାନୀ)ର ନାମର ତାଲିକା ପ୍ରକାଶ କର। ସେହିସବୁ ଉଦ୍ୟୋଗ (କମ୍ପାନୀ) ଗୁଡ଼ିକୁ ଘରୋଇ ଉଦ୍ୟୋଗ ଏବଂ ସାର୍ବଜନୀନ ଉଦ୍ୟୋଗରେ ଶ୍ରେଣୀ ବିଭାଗ କର। ସେଥିମଧ୍ୟରୁ କେଉଁ ଉଦ୍ୟୋଗ ଗୁଡ଼ିକ ବହୁରାଷ୍ଟ୍ରୀୟ ଉଦ୍ୟୋଗ ଅଟନ୍ତି। ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ।

| କ୍ର.ନଂ. | ପୁଡ଼ିଆ ବନ୍ଧା (ପ୍ୟାକେଟ) ସାମଗ୍ରୀର ନାମ | ଉତ୍ପାଦନକାରୀ ଉଦ୍ୟୋଗର ନାମ | ବିଭିନ୍ନ ପ୍ରକାରର ଉଦ୍ୟୋଗ (ଘରୋଇ ଏବଂ ସାର୍ବଜନୀନ) | ବହୁରାଷ୍ଟ୍ରୀୟ ଉଦ୍ୟୋଗରେ ଟିକ୍ ଚିହ୍ନ ଦିଅ |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

୮. ତୁମର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବଜାର (ମାର୍କେଟ)କୁ ପରିଦର୍ଶନ କର ଏବଂ ଯେକୌଣସି ପାଞ୍ଚଜଣ ବେପାରୀଙ୍କୁ ପଚାର ସେମାନଙ୍କର ଦ୍ରବ୍ୟ ବା ସମାଗ୍ରୀକୁ ପରିବହନ ସେବାର କେଉଁ ମାଧ୍ୟମ ବ୍ୟବହାର କରି ସାମଗ୍ରୀ ଗୁଡ଼ିକୁ ନେବା ଆଣିବା କରନ୍ତି ଏବଂ କାହିଁକି ? ପରିବହନ ସେବାର ସେହି ମାଧ୍ୟମ ଗୁଡ଼ିକର ସୁବିଧା ଓ ଅସୁବିଧା ପାଇଁ ସେମାନଙ୍କୁ ପଚାର। ନିମ୍ନଲିଖିତ ବହିର ଆକୃତି(ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ।

| କ୍ର.ନଂ. | ସଂସ୍ଥାର ନାମ | ବିକ୍ରି ହେଉଥିବା ସାମଗ୍ରୀର ନାମ | ପରିବହନ ସେବାର ମାଧ୍ୟମ | ପରିବହନ ସେବାର ସୁବିଧା | ପରିବହନ ସେବାର ଅସୁବିଧା |
|---|---|---|---|---|---|
| ୧ | | | | | |
| ୨ | | | | | |
| ୩ | | | | | |
| ୪ | | | | | |
| ୫ | | | | | |

୯. ବର୍ଷସାରା ଉତ୍ପାଦନ କରାଯାଉଥିବା ଯେକୌଣସି ଚାରୋଟି ସାମଗ୍ରୀର ତାଲିକା ତିଆରି କର। କିନ୍ତୁ ନିର୍ଦ୍ଦିଷ୍ଟ ଋତୁରେ ସେଗୁଡ଼ିକ ବ୍ୟବହାର କରାଯାଏ। ନିର୍ଦ୍ଦିଷ୍ଟ ଋତୁରେ ଉତ୍ପାଦନ କରାଯାଉଥିବା ଏବଂ ବର୍ଷସାରା ବ୍ୟବହାର କରାଯାଉଥିବା ଯେକୌଣସି ଚାରୋଟି ସମାଗ୍ରୀର ତାଲିକା ତିଆରି କର। ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରେ ବିବରଣୀ ଦର୍ଶାଅ।

**ବର୍ଷସାରା ଉତ୍ପାଦନ କରାଯାଉଥିବା ସାମଗ୍ରୀର ତାଲିକା:**

| କ୍ର.ନଂ. | ସାମଗ୍ରୀର ନାମ | କେଉଁମାସରେ ଉତ୍ପାଦନ ହୁଏ | କେଉଁମାସରେ ବ୍ୟବହୃତ ହୁଏ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |

ନିର୍ଦ୍ଦିଷ୍ଟ ଋତୁରେ ଉତ୍ପାଦନ ହୋଇ ବର୍ଷସାରା ବ୍ୟବହାର କରାଯାଉଥିବା ସାମଗ୍ରୀର ତାଲିକା:

| କ୍ର.ନଂ. | ସାମଗ୍ରୀର ନାମ | କେଉଁମାସରେ ଉତ୍ପାଦନ ହୁଏ | କେଉଁ ମାସରେ ବ୍ୟବହୃତ ହୁଏ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |

ଏହି ସାମଗ୍ରୀ ଗୁଡ଼ିକୁ ଗୋଦାମ ଘରେ ବା ଭଣ୍ଡାର ଘରେ ସଞ୍ଚୟ କରିବାର ଦରକାରୀ ଏବଂ ଗୁରୁତ୍ୱ ବିଷୟରେ ଆଲୋଚନା କର।


୧୦. ତୁମ ଅଞ୍ଚଳର ଯେକୌଣସି ଏକକ ସତ୍ୱାଧୀକାରୀ ବ୍ୟବସାୟୀଙ୍କୁ ପଚାର ଯେ ସେମାନେ ତାଙ୍କର ବ୍ୟବସାୟକୁ ଭାଗରଦାରୀ ବ୍ୟବସାୟରେ ପରିବର୍ତ୍ତନ କରିବା ପାଇଁ ଇଚ୍ଛାପ୍ରକାଶ କରୁଛନ୍ତି କି ? ଏକକ ସତ୍ୱାଧୀକାରୀ ବ୍ୟବସାୟୀମାନଙ୍କ ଦ୍ୱାରା ଦିଆଯାଇଥିବା କାରଣ ଗୁଡ଼ିକୁ ଟିପ୍ପଣୀ କର।

**ଏକକ ସ୍ୱତ୍ୱାଧୀକାରୀ ବ୍ୟବସାୟୀ ଯିଏ ନିଜର ବ୍ୟବସାୟକୁ ଭାଗୀଦାରୀ ବ୍ୟବସାୟରେ ପରିବର୍ତ୍ତନ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି, ସେମାନଙ୍କର ତାଲିକା:**

| କ୍ର.ନଂ. | ଏକକ ସ୍ୱତାଧୀକାରୀ ବ୍ୟବସାୟର ନାମ | ଏକକ ସ୍ୱତାଧୀକାରୀ ବ୍ୟବସାୟୀଙ୍କ ନାମ | ପରିବର୍ତ୍ତନ ପାଇଁ ଇଚ୍ଛାନହେବାର କାରଣ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

**ଏକକ ସ୍ୱତାଧୀକାରୀ ବ୍ୟବସାୟୀ ଯଏ ନଜର ବ୍ୟବସାୟକୁ ଭାଗୀଦାର ବ୍ୟବସାୟରେ ପରିବର୍ତ୍ତନ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ସେମାନଙ୍କର ତାଲିକା:**

| କ୍ର.ନଂ. | ଏକକ ସ୍ୱତାଧୀକାରୀ ବ୍ୟବସାୟରେ ନାମ | ଏକକ ସ୍ୱତ୍ୱାଧୀକାରୀ ବ୍ୟବସାୟୀଙ୍କ ନାମ | ପରିବର୍ତ୍ତନ ପାଇଁ ଇଚ୍ଛା ନହେବାର କାରଣ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |





୧୧. ତୁମ ଅଞ୍ଚଳ/ଗ୍ରାମ ବା ନିକଟବର୍ତ୍ତୀ ଗ୍ରାମରେ ଥିବା ଯେକୌଣସି ପାଞ୍ଚଟି ସମବାୟ ସମିତିର କାର୍ଯ୍ୟାଳୟକୁ ପରିଦର୍ଶନ କର ଏବଂ ଖୋଜି ବାହାର କର।

କ) ସମିତିର ଉଦ୍ଦେଶ୍ୟ କ'ଣ ?

ଖ) ସମିତିର କେଉଁମାନେ ସଦସ୍ୟ ଅଟନ୍ତି ?

ଗ) ସମିତିର କାର୍ଯ୍ୟକଳାପ ଗୁଡ଼ିକ କ'ଣ ?

ଘ) ସମିତର ତା'ର କାର୍ଯ୍ୟ ପ୍ରଣାଳୀରେ କୌଣସି ଅସୁବିଧାର ସମ୍ମୁଖୀନ ହୁଏ କି ?

ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରେ ତୁମର ବିବରଣୀକୁ ଦର୍ଶାଅ


| କ୍ର.ନଂ. | ସମିତିର ନାମ | ସମିତିର ଉଦ୍ଦେଶ୍ୟ | ସଦସ୍ୟମାନଙ୍କ ସଂଖ୍ୟା | ସମିତିର ମୁଖ୍ୟ କାର୍ଯ୍ୟ | କାର୍ଯ୍ୟପ୍ରଣାଳୀ ଅସୁବିଧା |
|---|---|---|---|---|---|
| ୧ | | | | | |
| ୨ | | | | | |
| ୩ | | | | | |
| ୪ | | | | | |
| ୫ | | | | | |

୧୨. ତୁମର ଅଞ୍ଚଳରେ କାର୍ଯ୍ୟକରୁଥିବା ବ୍ୟାଙ୍କ ଗୁଡ଼ିକର ତାଲିକା ତିଆରି କର ଏବଂ ସେମାନଙ୍କର କାର୍ଯ୍ୟ ଅନୁସାରେ ସେମାନଙ୍କୁ ଶ୍ରେଣୀ ବିଭାଜନ କର।

**ନିମ୍ନଲିଖିତ ବହିର ଆକୃତି(ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ ଏବଂ ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ବିଭିନ୍ନ କାର୍ଯ୍ୟ ଗୁଡ଼ିକ ଆଲୋଚନା କର**

| କ୍ର.ନଂ. | ବ୍ୟାଙ୍କର ନାମ | ଶାଖା | ମୁଖ୍ୟ କାର୍ଯ୍ୟ | ବିଭିନ୍ନ ପ୍ରକାରର ବ୍ୟାଙ୍କ (ଜାତୀୟ, ବେସରକାରୀ, ସମବାୟ ଆଞ୍ଚଳିକ) |
|---|---|---|---|---|
| ୧. | | | | |
| ୨. | | | | |
| ୩ | | | | |
| ୪. | | | | |
| ୫. | | | | |

୧୩. କୌଣସି ବ୍ୟାଙ୍କର ନିକଟବର୍ତ୍ତୀ ଶାଖାକୁ ଯାଅ ଏବଂ ସେହି ଶାଖାରେ ଖୋଲାଯାଉଥିବା ବିଭିନ୍ନ ପ୍ରକାରର ଜମାଖାତା ବ୍ୟବସ୍ଥା ବିଷୟରେ ତଥ୍ୟ ସଂଗ୍ରହ କର। ନିମ୍ନଲିଖିତ ବହିର ଆକୃତିରେ ବିବରଣୀ ଦର୍ଶାଅ।





| କ୍ର.ନଂ. | ବିଭିନ୍ନ ପ୍ରକାର ଜମା ବ୍ୟବସ୍ଥା | ଜମାଖାତା ଖୋଲିବା ପାଇଁ ଦରକାର ହେଉଥିବା ଅତି କମ୍ ଅଧିପ୍ରକାଶ | ସୁଧର ହାର (%) | କୌଣସି ପୂର୍ବାଙ୍ଗ ହେବା ସମୟ (ମାସ ସମୂହ) | ଉପଯୋଗିତା |
|---|---|---|---|---|---|
| ୧ | ସଂଚୟ ଜମା ଖାତା | | | | |
| ୨ | ଚଳନ୍ତି ଜମା ଖାତା | | | | |
| ୩ | ପୁନଃପୌନିକ ଜମାଖାତା | | | | |
| ୪ | ସ୍ଥାୟୀ ବା ସମୟ ଜମାଖାତା | | | | |
| ୫ | ଭବିଷ୍ୟନିଧି ପାଣ୍ଠି | | | | |

୧୪. ତୁମ ଅଞ୍ଚଳର ବ୍ୟବସାୟୀମାନଙ୍କ ପାଖକୁ ଯାଅ, ଯିଏ ବିଭିନ୍ନ ପ୍ରକାର ଅନିଶ୍ଚିତତା ବିଷୟରେ ବୀମା ସୁରକ୍ଷା ପାଇଅଛି । ଅତିକମ୍‌ରେ ପାଞ୍ଚଜଣ ଏହିପରି ବ୍ୟବସାୟୀମାନଙ୍କର ନାମ, ଠିକଣାରେ ତାଲିକା ପ୍ରସ୍ତୁତ କର ଏବଂ ବୀମା ସୁରକ୍ଷାର ସ୍ୱଭାବ, ବୀମା ଚୁକ୍ତିପତ୍ରର ନାମ ଏବଂ ସେହି ବୀମାଚୁକ୍ତି ପତ୍ରର ସୁବିଧା ଗୁଡ଼ିକ ବିଷୟରେ ପଚାର । ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ:

| କ୍ର.ନଂ. | ବ୍ୟବସାୟୀର ନାମ ଓ ଠିକଣା | ବୀମା ସୁରକ୍ଷାର ସ୍ୱଭାବ | ବୀମା ଚୁକ୍ତିପତ୍ରର ନାମ | ବୀମା ଉଦ୍ୟୋଗର ନାମ |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

ଶିରୋନାମା ଅନୁଯାୟୀ ବିଭିନ୍ନ ପ୍ରକାରର ବୀମା ଚୁକ୍ତିନାମା ଗୁଡ଼ିକର ସୁବିଧାଗୁଡ଼ିକ ଲେଖିବାକୁ ପଡ଼ିବ ।

୧୫. ଖବର କାଗଜ ପତ୍ର ଏବଂ ସେଥିରେ ପ୍ରକାଶିତ ଲେଖା ଏବଂ ବିଜ୍ଞାପନରୁ ଡାକ ଆଦେଶ ବ୍ୟବସାୟ ମାଧ୍ୟମରେ ବିକ୍ରୟ ହେଉଥିବା ଦ୍ରବ୍ୟ ସମୂହ ବିଷୟରେ ଖୋଜି ବାହାର କର:

| କ୍ର.ନଂ. | ବିଜ୍ଞାପନ ଦାତାର ନାମ ଏବଂ ଠିକଣା | ଦ୍ରବ୍ୟ | ବ୍ରାଣ୍ଡ | ଆଦେଶ ଗ୍ରହଣ କରିବାର ମାଧ୍ୟମ ଏସ୍.ଏମ୍.ଏସ୍./ ଚିଠି / ଟେଲିଫୋନ୍/ ଇ-ମେଲ୍ |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

ଶିରୋନାମା ଅନୁସାୟୀ ଡାକ ଆଦେଶ (ଅର୍ଡ଼ର) ବ୍ୟବସାୟର ସୁବିଧା ଓ ଅସୁବିଧା ଗୁଡ଼ିକ ଲେଖିବାକୁ ହେବ।

୧୬. ତୁମର ଦୈନନ୍ଦୀନ ଜୀବନରେ ତୁମେ ବ୍ୟବହାର କରୁଥିବା ଜିନିଷ ଏବଂ ସେବାର ଏକ ତାଲିକା ପ୍ରସ୍ତୁତ କର। ଜଣେ ଗ୍ରାହକ ହିସାବରେ ଯେତେବେଳେ ତୁମେ ଜିନିଷ ଏବଂ ସେବାକ୍ରୟକର, ତୁମେ ଯେକୌଣସି ସମୟରେ କୌରସି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି କି ? ଗ୍ରାହକର ବିଭିନ୍ନ ସେବାଗୁଡ଼ିକ ଅଧ୍ୟୟନ କର। ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ।

| କ୍ର.ନଂ. | ଦ୍ରବ୍ୟ/ସେବାର ନାମ | ଉତ୍ପାଦନକାରୀ/ ଯୋଗାଣକାରୀ ନାମ | ସମ୍ମୁଖୀନ ହେଉଥିବା ଅସୁବିଧା | ଗ୍ରାହକର ସଂପୃକ୍ତ ଅଧିକାର |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

୧୭. ଯେକୌଣସି ପାଞ୍ଚଟି ଭାରତୀୟ ଉଦ୍ୟୋଗ ଯେଉଁମାନେ ବିଦେଶୀ ଉଦ୍ୟୋଗ ସହିତ ଯୌଥ ଲାଭାର୍ଥ ବ୍ୟବସାୟ (Joint Venture) ଭିତରେ ପ୍ରବେଶ କରୁଛନ୍ତି ତାହାର ତାଲିକା ତିଆରି କର। ସେହି ଲାଭାର୍ଥ ବ୍ୟବସାୟରୁ ସହଜରେ ଜାଣି ହେଉଥିବା ସୁବିଧା ଗୁଡ଼ିକ ଖୋଜି ବାହାର କର।

ନିମ୍ନ ଲିଖିତ ବହିର ଆକୃତି (ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ

| କ୍ର.ନଂ. | ଭାରତୀୟ ଉଦ୍ୟୋଗର ନାମ | ବିଦେଶୀ ଉଦ୍ୟୋଗର ନାମ | ଦେଶର ନାମ | ଦ୍ରବ୍ୟ |
|---|---|---|---|---|
| ୧. | | | | |
| ୨. | | | | |
| ୩. | | | | |
| ୪. | | | | |
| ୫. | | | | |

ଶିରୋନାମା ଅନୁଯାୟୀ ଯୌଥ ଲାଭାର୍ଥେ ବ୍ୟବସାୟରେ ସୁବିଧା ଗୁଡ଼ିକ ଲେଖିବାକୁ ହେବ।

୧୮. ଖବର କାଗଜ, ମାଗାଜିନ୍ ଏବଂ ଅନ୍ୟ କୌଣସି ବ୍ୟବସାୟ ସମ୍ବନ୍ଧରେ ଉଲ୍ଲେଖକୁ ବ୍ୟବହାର କରି, ଅତି କମ୍‌ରେ ପାଞ୍ଚଟି ଉଦ୍ୟୋଗ ଯେଉଁ ସବୁର କିଛି ସାମାଜିକ ଦାୟିତ୍ୱ ଅଛିବୋଲି ତୁମେ ଭାବୁଛ ଏବଂ ଅତିକମ୍‌ରେ ପାଞ୍ଚଟି ଉଦ୍ୟୋଗ ଯେଉଁ ସବୁର କିଛି ସାମାଜିକ ଦାୟିତ୍ୱ ନାହିଁ ବୋଲି ଭାବୁଛ ସେ ସବୁକୁ ଚିହ୍ନଟ କର ଏବଂ ତାର ବିବରଣୀ ଦିଅ।

ନିମ୍ନଲିଖିତ ବହିର ଆକୃତି (ଫର୍ମାଟ) ରେ ତୁମର ବିବରଣୀ ଦର୍ଶାଅ।

**ସାମାଜିକ ଦାୟିତ୍ୱବୋଧଥିବା ଉଦ୍ୟୋଗ।**

| କ୍ର.ନଂ. | ଉଦ୍ୟୋଗର ନାମ | ଉଦ୍ୟୋଗର ସାମାଜିକ କାର୍ଯ୍ୟକଳାପ | ସମାଜିକ ଦାୟୀତ୍ୱର ନାମ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

**ସାମାଜିକ ଦାୟିତ୍ୱବୋଧ ନଥିବା ଉଦ୍ୟୋଗ।**

| କ୍ର.ନଂ. | ଉଦ୍ୟୋଗର ନାମ | ସାମାଜିକ କାର୍ଯ୍ୟକଳାପ ନଥିବା ଉଦ୍ୟୋଗ | ସାମାଜିକ ଦାୟିତ୍ୱର ନାମ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

୧୯. ଖବର କାଗଜ କିମ୍ବା ମାଗାଜିନ୍ ମାଧ୍ୟମରେ ଉତ୍ପାଦନକାରୀମାନଙ୍କ ଦ୍ୱାରା ବିକ୍ରି ବୃଦ୍ଧି ବାବଦରେ ପ୍ରଚଳନ ହେଉଥିବା ବିଭିନ୍ନ ଯୋଜନାର ତଥ୍ୟ ସଂଗ୍ରହ କର। ନିମ୍ନ ଲିଖିତ ବହିର ଆକୃତି (ଫର୍ମାଟ)ରେ ତୁମର ବିବରଣୀ ଦର୍ଶାଅ।

| କ୍ର.ନଂ. | ଉତ୍ପାଦନକାରୀର ନାମ | ବ୍ରାଣ୍ଡ ସହିତ ଦ୍ରବ୍ୟ | ଯୋଜନା | ବିକ୍ରି ବୃଦ୍ଧି ଯୋଜନାର ନାମ |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

୨୦. ନିମ୍ନଲିଖିତ ବହିର ଆକୃତି (ଫର୍ମାଟ)ରେ ଦିଆଯାଇଥିବା ଆର୍ଥିକ ବ୍ୟବସ୍ଥାର ଉତ୍ସ ଗୁଡ଼ିକର ଗୋଟିଏ ତୁଳନାତ୍ମକ ବିବରଣୀ ଫର୍ଦ୍ଦ ପ୍ରସ୍ତୁତ କର।

| କ୍ର.ନଂ. | ତୁଳନା କରିବାର ଆଧାର | ସମାଧାରଣ ଅଂଶପତ୍ର | ଋଣପତ୍ର | ବ୍ୟାଙ୍କଠାରୁ ପାଉଥିବା ଋଣ | ସାର୍ବଜନୀନ ସ୍ଥାୟୀ ଜମା ରାଶୀ |
|---|---|---|---|---|---|
| ୧ | ସହଜ ଉପଲବ୍ଧ | | | | |
| ୨ | ଖର୍ଚ୍ଚ | | | | |
| ୩ | ସଂଗଠନର ଢାଞ୍ଚା | | | | |
| ୪ | ନିୟନ୍ତ୍ରଣ | | | | |
| ୫ | ଅଧିକ ଋଣ ସଂଗ୍ରହର ଦକ୍ଷତା | | | | |
| ୬ | ପରିବର୍ତ୍ତନ ଶୀଳତା | | | | |
| ୭ | କର(ଟ୍ୟାକ୍ସ)ର ସୁବିଧା | | | | |